୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.200 Bhubaneswar Monday September 16 2024 ୨୬ତମ ବର୍ଷ ସଂଖ୍ୟା–୨୦୦ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ରାହୁଲ ଗାନ୍ଧିଙ୍କୁ ଦେଶର ୧ନଂ ଆତଙ୍କବାଦୀ କହିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୫।୯(ପି.ଏନ): ନିକଟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଶିଖମାନଙ୍କ ଉପରେ ଦେଇଥିବା ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ରବନୀତ ସିଂହ ବିଟ୍ଟୁ। ସେ ରାହୁଲ ଗାନ୍ଧିଙ୍କୁ ଦେଶର ଏକ ନମ୍ବର ଆତଙ୍କବାଦୀ କହିଛନ୍ତି। ଏଥିସହ ରାହୁଲ ଗାନ୍ଧି ଭାରତୀୟ ନୁହନ୍ତି ବୋଲି ସେ ମତ ରଖିଛନ୍ତି। ସାମ୍ବାଦିକମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ବିଟ୍ଟୁ ବେଶ ଜୋରଦାର ଢଙ୍ଗରେ ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରି ତାଙ୍କୁ ଦେଶର ସବୁଠାରୁ ବଡ ଶତ୍ରୁ ଓ ତାଙ୍କୁ ଧରିବା ପାଇଁ ପୁରସ୍କାର ମଧ୍ୟ ଘୋଷଣା କରାଯିବା ଦରକାର ବୋଲି କହିଛନ୍ତି। ସେ କହିଛନ୍ତି, "ପୂର୍ବରୁ ସେମାନେ ମୁସଲିମମାନଙ୍କୁ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ସମ୍ଭବ ହୋଇ ନଥିଲେ। ଏବେ





ସେମାନେ ଶିଖ ମାନଙ୍କୁ ଭାଗ କରିବାକୁ ଚାହୁଁଛନ୍ତି। ରାହୁଲ ଗାନ୍ଧିଙ୍କ ପୂର୍ବରୁ ଦେଶର ମୋଷ୍ଟଓ୍ୱାଣ୍ଟେଡ ବ୍ୟକ୍ତିମାନେ ସମାନ କଥା କହିଥିଲେ। ଏପରି କି ଆତଙ୍କବାଦୀମାନେ ରାହୁଲ ଗାନ୍ଧିଙ୍କ ବୟାନକୁ ସମର୍ଥନ କରିଛନ୍ତି। ଯେତେବେଳେ ଏଭଳି ଲୋକମାନେ ରାହୁଲ ଗାନ୍ଧିଙ୍କୁ ସମର୍ଥନ କରୁଛନ୍ତି ସେତେବେଳେ ରାହୁଲ ଗାନ୍ଧି ହିଁ ଦେଶର ୧ନଂ ଆତଙ୍କବାଦୀ।"

## ଆହୁରି ଛେଚିବ; ଆଜି ଓ ଆସନ୍ତାକାଲି କେଉଁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୫।୯(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଟି ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିଛି। ଏହା ପଶ୍ଚିମ ଦିଗକୁ ଧୀରେ ଧୀରେ ଗତି କରୁଛି। ଗଭୀର ଅବପାତ ଭାବେ ଏହାର ତୀବ୍ରତା ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ରହିବ। ତା' ପରବର୍ତ୍ତୀ ୪୮ ଘଣ୍ଟାରେ ଧୀରେ ଧୀରେ ଦୁର୍ବଳ ହୋଇ ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଅବପାତରେ ପରିଣତ ହୋଇ ଏହା ଝାଡଖଣ୍ଡ ଓ ଉତ୍ତର ଛତିଶଗଡ ଦେଇ ପଶ୍ଚିମ ଦିଗରେ ଗତି କରିବ। ଏହାର ପ୍ରଭାବରେ ଆଜି ଓ ଆସନ୍ତାକାଲି ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ପାଣିପାଗ ବିଭାଗ।ଆସନ୍ତାକାଲି ସକାଳ



ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ (୭ରୁ ୨୦ ସିଏମ୍) ବର୍ଷା ହେବାର ସମ୍ଭାବନା ଥିବା ବେଳେ ସ୍ଥାନେ ସ୍ଥାନେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା ଓ ଝାରସୁଗୁଡାରେ ପ୍ରବଳ (୭ରୁ ୧୧ ସିଏମ୍ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କେନ୍ଦୁଝର, ଦେବଗଡ, ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ ଓ ଅନୁଗୋଳ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ସୁରକ୍ଷିତ ନୁହେଁ ରାଜଧାନୀର ଆପାର୍ଟମେଣ୍ଟ ! ପୁଣି ଲୁଟ୍, କବାଟ ତାଡି ନେଇଗଲେ ୨୦ ଲକ୍ଷ ଟଙ୍କା ସୁନା ଅଳଙ୍କାର

ଭୁବନେଶ୍ୱର,୧୫।୯(ପି.ଏନ):ଅସୁରକ୍ଷିତ ରାଜଧାନୀ ଭୁବନେଶ୍ୱରର ଆପାର୍ଟମେଣ୍ଟ। ଆତଙ୍କ ଖେଳାଇଛନ୍ତି ଲୁଟେରା। ଯେମିତି ପୁଲିସକୁ ଆଣି ଖାତିର ନାହିଁ। ଚନ୍ଦକା ଥାନା ଅଞ୍ଚଳର ଗୋଠପାଟଣା ସ୍ଥିତ ଆକ୍ରୋପଲିସ୍ ଆପାର୍ଟମେଣ୍ଟରେ ଦୁଇ ଦୁଇଟି ଲୁଟ୍ ଘଟଣା ଫ୍ଲାଟ୍ ମାଲିକଙ୍କୁ ଭୟଭୀତ କରିଛି। ଦିନକ ତଳେ ଏହି ଆପାର୍ଟମେଣ୍ଟରୁ ଜଣେ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ଘରୁ ୫୦ ଭରିର ସୁନା ଅଳଙ୍କାର ଲୁଟ୍ ହୋଇଥିବା ବେଳେ ଆଜି ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କ ଘରୁ ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା କଥା ସାମ୍ନାକୁ ଆସିଛି।ନୂଆଁଖାଇ ପାଇଁ ସ୍ୱାମୀ-ସ୍ତ୍ରୀ ଗାଁକୁ ଯାଇଥିବା ବେଳେ କବାଟ ତାଡି ଲୁଟେରା ଲୁଟି ନେଇଛନ୍ତି ସୁନା ଅଳଙ୍କାର ଓ ଟଙ୍କା। ଘର ସାରା ଜିନିଷ ଏଣେତେଣେ ପକାଇ ଦେଇଛନ୍ତି। ସୁନାଗହଣା ଓ ଟଙ୍କା ଧରି ଫେରାର ହେବା ପୂର୍ବରୁ ଫ୍ରିଜରୁ ଫଳ ଓ ଥଣ୍ଡା ପାନୀୟ ପିଇବା ସହ ରୋଷେଇ ଘରୁ ଡ୍ରାଏଫ୍ରୁଟ୍ ଖାଇଛନ୍ତି ଲୁଟେରା। ଖବର ପାଇ ଚନ୍ଦକା ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି। ତେବେ ଦୁଇ ଦୁଇଟି ଲୁଟପାଟ ଘଟଣା ସାମ୍ନାକୁ ଆସିବା ପରେ ନିଜ ସୁରକ୍ଷାକୁ ନେଇ ଆଶଙ୍କାରେ ଅଛନ୍ତି



ଆପାର୍ଟମେଣ୍ଟବାସୀ। ଏହି ଆପାର୍ଟମେଣ୍ଟରେ ଲୋକଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ସଂପୃକ୍ତ ବିଲ୍ଡରଙ୍କୁ ଦାୟୀ କରିଛନ୍ତି। ସେ ଏଥିପ୍ରତି ଧ୍ୟାନ ଦେଉ ନଥିବା ଆପାର୍ଟମେଣ୍ଟବାସୀ ଅଭିଯୋଗ କରିଛନ୍ତି।

dk

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା

ଡି.କେ ମୁଭିଜ୍

ଢେଙ୍କାନାଳ














# ଟି ଟାଇମ୍



## ଜୋକ୍ସ

ରାମୁ ରୋହିତ୍‌କୁ କହିଲା: ତତେ ପହଁରିବା ଆସେ।

ରୋହିତ: ନା ଆସେନି।

ରାମୁ: ତୋଠୁ ତ ମୋ କୁକୁର ଭଲ, ସେ ପହଁରି ପାରୁଛି।

ରୋହିତ୍: ତତେ ପହଁରିବା ଆସୁଛି ?

ରାମୁଁ : ହଁ

ରୋହିତ୍: ତାହେଲେ ତୋ କୁକୁର ଆଉ ତୋ ଭିତରେ ଫରକ କ'ଣ ରହିଲା।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

# ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧାରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.200 Bhubaneswar Monday September 16 2024 | ୨୬ତମ ବର୍ଷ ସଂଖ୍ୟା–୨୦୦ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS





ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୧୬

କଥା ନିରବଧି

# ଓଡ଼ିଆ କଙ୍କଡ଼ା

ଡ. ନିରଞ୍ଜନ ସାହୁ



ଆପଣମାନେ କେବେ ଶୁଣିଥିବେ ଆମ ଓଡ଼ିଆମାନେ ସ୍ୱଭାବରେ କଙ୍କଡ଼ା ପରି, ସେମାନଙ୍କ ପ୍ରକୃତିରେ ଗୋଡ଼ଟଣାଭାବ ବାରି ହୋଇପଡ଼େ କୁଆଡ଼େ। ଯଦି ଗୋଟିଏ ପାତ୍ରରେ ଆପଣ କିଛି ପରିମାଣରେ କଙ୍କଡ଼ା ରଖି ଦିଅନ୍ତି, ସେମାନଙ୍କ ଭିତରୁ କିଛି ଚେଷ୍ଟା କରିବେ ସେଇ ପାତ୍ର ଭିତରୁ ବାହାରକୁ ଆସିବା ଲାଗି। ଆଉ ସେତିକିବେଳେ ଯେଉଁମାନେ ତଳେ ରହିଥିବେ ସେମାନେ କୁଆଡ଼େ ସେମାନଙ୍କ ଗୋଡ଼କୁ ତଳୁ ଟାଣି ଧରିବେ। ଯାହା ଫଳରେ କେହି କଙ୍କଡ଼ା ସେଇ ଆବଦ୍ଧ ପାତ୍ର ଭିତରୁ ବାହାରି ପାରିବେ ନାହିଁ।ଇଂଲିଶ୍‌ରେ ଏହିପରି ମାନସିକତାକୁ 'ମଵବଭ ଙ୍କରଭଣ୍ଵବକ୍ଷସଣ୍ଵଚ୍ଚ' (କ୍ରେବ୍ ମେଣ୍ଟାଲିଟି) ବା କଙ୍କଡ଼ା ମାନସିକତା ବୋଲି କୁହାଯାଏ; ମାତ୍ର ଏହା ସହିତ ଓଡ଼ିଆ ଚରିତ୍ରର ସମନ୍ୱୟତା କିଏ ଗବେଷଣା କଲେ ସିନା ବାସ୍ତବତା ଜଣାପଡ଼ନ୍ତା। ମଣିଷ ଭିତରେ ଯେଉଁ ଦୁର୍ଗୁଣ ରହିଛି ତାହା ଭିତରେ ଅଛି ଏଇମିତି କିଛି ଈର୍ଷା, ବିଦ୍ୱେଷ ଓ ଅସହିଷ୍ଣୁତା। ଯାହାକୁ ସେ ନିଜ ଠାରୁ ଅଧିକ ଉନ୍ନତ ଓ ସମୃଦ୍ଧ ବୋଲି ବିବେଚନା କରେ ମାତ୍ର ତାର ଅଗ୍ରଗତିକୁ ସହ୍ୟ କରିପାରେ ନାହିଁ, ସେତେବେଳେ କଳେ ବଳେ କୌଶଳେ ତାର ପତନର ବ୍ୟୁହ ରଚନା କରେ। ଫିଲ୍‌ଫାଇନ୍‌ସର ଲେଖକ ନିନୋଚକା ରୋସ୍‌କା ଏହି ଶବ୍ଦକୁ ପ୍ରଥମେ ସାହିତ୍ୟରେ ପ୍ରୟୋଗ କରିଥିଲେ ବୋଲି କୁହାଯାଏ।କାହାରି ଅଗ୍ରଗତିକୁ ରୋକିବା ପାଇଁ ତାକୁ ପଛରୁ ଟାଣିବାର ବହୁ ଉଦାହରଣ ରହିଛି, ଯେମିତି ଫୁଟବଲ ଖେଳରେ କେହି ବିରୋଧୀ ପକ୍ଷର ଖେଳାଳୀଙ୍କ ଜର୍ସିକୁ ଜାବୁଡ଼ି ଧରି ତାଙ୍କୁ ଅକାମୀ କରିବାକୁ ଚେଷ୍ଟା କରନ୍ତି, ବିରୋଧୀ ଦଳର କେହି ବ୍ୟାଟ୍‌ସମ୍ୟାନ ଶତକ ଆଡ଼କୁ ମୁହାଁଉଥିଲାବେଳେ ନିଜ ଦଳର ସମର୍ଥକମାନେ ବିକୃତ ଶବ୍ଦ କରି ତାଙ୍କର ଏକାଗ୍ରତା ଭାଙ୍ଗିବାକୁ ଚେଷ୍ଟା କରନ୍ତି ସେମିତି, ମାତ୍ର ଜଣକର ଗୋଡ଼କୁ ଟାଣି ଧରିଲେ ଯଦି ଟାଣୁଥିବା ଲୋକର ଶକ୍ତି ଅଧିକ ହୁଏ ତାହେଲେ ଆର ଲୋକଟି ଆଉ ଆଗେଇ ପାରେନା। ଗୋଡ଼ ହେଉଛି ସ୍ଥାନୀୟ ମାନର ସୂଚନାଙ୍କ। ବହୁ ପୁରାତନ କାଳରୁ ସଂସ୍କୃତରେ ଗୋଟିଏ ଶ୍ଳୋକ ଥିଲା–

"ଗଣକ ଗଣିକା ବିପ୍ରା
ଶ୍ୱାନ ମାର୍ଜାର କୁକ୍କୁଡ଼ା
ଦୃଷ୍ଟିମାତ୍ରେ ପ୍ରଭୁବନ୍ତି
ସ୍ୱଜାତି ପରହିଂସ୍ରକାଃ ।"

ଅର୍ଥାତ୍ ଜ୍ୟୋତିଷ, ବେଶ୍ୟା, ବ୍ରାହ୍ମଣ, କୁକୁର, ବିଲେଇ ଓ କୁକୁଡ଼ା – ଏମାନେ ନିଜ ସଂପ୍ରଦାୟର କାହାକୁ ଦେଖିବା ମାତ୍ରେ ରାଗରେ ଚିଲ୍ଲେଇ ଉଠନ୍ତି। କାରଣ ନିଜ ଜାତିର କାହାକୁ ସେମାନେ ସହି ପାରନ୍ତି ନାହିଁ। ଏଇ ଅସହ୍ୟ ଭାବନା ପଛରେ ସେମାନଙ୍କର କ୍ଷତିର ଆଶଙ୍କାକୁ ଏଡ଼େଇ ଦେଇ ହେବ ନାହିଁ। ଭାରତ ପରି ଦେଶରେ ହଜାର ହଜାର ଜାତିର ସମାବେଶ ଭିତରେ ମାତ୍ର ତିନି ରକମର ମଣିଷ କେବଳ ପରସ୍ପର ପ୍ରତି ବିଦ୍ୱେଷୀ, ଏହା ବିଶ୍ୱାସ କରିହୁଏ ନାହିଁ। ହୁଏତ ସେତେବେଳର ଶ୍ଳୋକବୀରଙ୍କ ଜ୍ଞାନର ଦିଗନ୍ତ ଭିତରେ ସୀମାବଦ୍ଧ ତାଙ୍କର କଳ୍ପନା। ମାତ୍ର ଏହା ସତ ନିଜ ଲୋକଙ୍କ ସହିତ ଶତ୍ରୁତା କରିବା ଭାରତୀୟଙ୍କର ଏକ ସହଜାତ ଅବଗୁଣ।

କଙ୍କଡ଼ା ଏକ ଅଦ୍ଭୁତ ପ୍ରାଣୀ। ଏହା ଦଶଟି ଗୋଡ଼ ବିଶିଷ୍ଟ; ମାତ୍ର ସବୁ ଗୋଡ଼ ଏକ ସମୟରେ ଏକ ଦିଗରେ ଚାଲନ୍ତି। ଦୁଇ ଦିଗରେ ଗୋଡ଼ ମାନ ଥିବାରୁ ଏହା ଆଗକୁ ଓ ପଛକୁ ଏହିପରି ନିଜର ସୁବିଧା ଅନୁସାରେ ଚାଲିପାରେ ଯାହାକି କ୍ୱଚିତ୍ ଅନ୍ୟ ପ୍ରାଣୀଙ୍କ କ୍ଷେତ୍ରରେ ଦେଖାଯାଏ। ସାଧାରଣତଃ ପ୍ରାଣୀଟିର ଆଖି ଯେଉଁ ଆଡ଼କୁ ବାହାରିଥାଏ ସିଏ ସେଇ ଦିଗରେ ଚାଲେ; ମାତ୍ର କଙ୍କଡ଼ାଟିଏ ଏଥିରେ ବ୍ୟତିକ୍ରମ। ସେ ଯେଉଁ ଦିଗକୁ ଦେଖେ ସେଇ ଦିଗକୁ ନଯାଇ ଅନ୍ୟ ଏକ କୋଣରେ ଯାଏ। ରାଜନୀତି ବା କୁଟନୀତିରେ ଏଇମିତି ଗତି ସହିତ ଆମେମାନେ ପରିଚିତ ଅଛନ୍ତି। ଯାହା କୁହାଯାଏ ତାହା କରାଯାଏ ନାହିଁ, ଯାହା ଆଶା କରାଯାଏ ତାହା ହୋଇନଥାଏ।ଓଡ଼ିଆମାନେ କଣ ସତରେ ଅନ୍ୟ ସଫଳ ଓଡ଼ିଆଙ୍କ ବାଟରେ କଣ୍ଟା ହୋଇ ଠିଆ ହୁଅନ୍ତି ? କେତେକ କହନ୍ତି ଯେତେବେଳେ ଦେବେଗୌଡ଼ା ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ଓଡ଼ିଶାର ବିଜୁବାବୁ ହୁଏତ ସେଇ ଚୌକୀରେ ବସି ପାରିଥାନ୍ତେ,; ମାତ୍ର କିଛି ଓଡ଼ିଆଙ୍କ କାରସାଦିରୁ ତାହା ସମ୍ଭବ ହେଲା ନାହିଁ। ଇତିହାସ ଅବଶ୍ୟ 'ହୋଇଥାନ୍ତେ', 'ପାରିଥାନ୍ତେ' ପରି ଶବ୍ଦ ପ୍ରତି ବିତସ୍ପୃହ ଓ ଉଦାସୀନ।

ପ୍ରତ୍ୟେକ ସଫଳ ଯାତ୍ରା ପଛରେ କିଛି ଖଳନାୟକ ଥାଆନ୍ତି। ସେମାନେ ବିରୋଧାଭାସ ଜୁଟାନ୍ତି; ମାତ୍ର ନାୟକର ଜୟଯାତ୍ରା ତାହାଦ୍ୱାରା ବ୍ୟାହତ ହୁଏନାହିଁ। ବିଭିନ୍ନ ଆଦର୍ଶ ଯେତେବେଳେ ନୂଆ କରି ପ୍ରକାଶିତ ହେବାକୁ ବାହାରନ୍ତି, ପ୍ରଚଳିତ ଭାବନାମାନେ ତାର ଗତିରୋଧ କରନ୍ତି। ଏଇ ଆଦର୍ଶଗତ ଯୁଦ୍ଧରେ ଯିଏ ବିଜୟୀ ହୁଅନ୍ତି ତାଙ୍କର ଗ୍ରହଣୀୟତା ଚାଲେ କିଛି କାଳଧରି। ଯାହାକୁ ସଂକ୍ଷେପରେ କୁହାଯାଏ ଥିସିସ୍ – ଏଣ୍ଟିଥିସିସ୍ ଓ ସିନ୍ଥେସିସ୍। ତେଣୁ ଏହି କ୍ରମରେ ଗୋଡ଼ଟଣା ଏକ ଏଣ୍ଟିଥିସିସ୍ ଭଳି ବିପରୀତ କ୍ରିୟା। ତାହାକୁ ଓଡ଼ିଶାସହିତ ଯୋଡ଼ିବା ଏକ ନିମ୍ନ ଚିନ୍ତାଧାରା। ସମଗ୍ର ଭାରତୀୟ ଭୂଖଣ୍ଡରେ ଏଇ ଧାରା ଊଣାଅଧିକେ ରହିଥିବା କଥା ଅନସ୍ୱୀକାର୍ଯ୍ୟ।

ଅନ୍ୟର ଗୋଡ଼ଟାଣି ଆମେ ନିଜର ଉନ୍ନତି କରିପାରିବା ନାହିଁ। ଅର୍ଥନୀତିରେ ଗୋଟିଏ କଥା କୁହାଯାଏ। ତାହା ହେଲା ମଣିଷ ଧନୀ ହେବାକୁ ଚାହେଁନା ବରଂ ଚାହେଁ ତାର ପଡ଼ୋଶୀଠାରୁ ସେ ନିଜେ ଅପେକ୍ଷାକୃତ ଅଧିକ ଧନୀ ହେବ (ଗଵଭ ଯକ୍ଟରଣ୍ଵ ଭକ୍ଟଣ୍ଵ ଙ୍ଗଵଭଣ୍ଵ ଣ୍ଵକ୍ଟ ଭର କ୍ଵସମକ୍ଷ, କ୍ଷର ଙ୍ଗଵଭଣ୍ଵଣ୍ଵ ଣ୍ଵକ୍ଟ ଭର କ୍ଵସମକ୍ଷରକ୍ଵ) ନିଜକୁ ଅନ୍ୟ ସହିତ ତୁଳନା କଲେ ମଣିଷ ଭିତରେ ଥିବା ଅବଗୁଣମାନେ, ନକାରାତ୍ମକ ଶକ୍ତିମାନେ ପ୍ରତିକ୍ରିୟାଶୀଳ ହୋଇ ଉଠନ୍ତି; ମାତ୍ର ବାସ୍ତବରେ ତାହା ଧରାପଡ଼ିଯାଏ। ସେ ଖଳନାୟକର ଅପବାଦ ପାଏ। ପରନ୍ତୁ ଯିଏ ନିଜ ସହିତ ସମଝୋତା ନକରି ନିଜର ଆରାମ ପର୍ଯ୍ୟାୟରୁ ନିଜକୁ ଉତ୍‌ଥିତ କରେ ସେ ହିଁ ବିକାଶର ମାର୍ଗରେ ଅଗ୍ରସର ହୁଏ।

ପ୍ରଖ୍ୟାତ ବ୍ରାଜିଲ ଦେଶର ସାହିତ୍ୟିକ ପାଓଲୋକୋହ୍ଲେ ତାଙ୍କ ବିଶ୍ୱବିଦିତ ଉପନ୍ୟାସ 'ଆଲକେମିଷ୍ଟ'ରେ ବର୍ଣ୍ଣନା କରିଛନ୍ତି ସେମିତି ଏକ ଯାତ୍ରା – ଯାହା ସାଣ୍ଟିଆଗୋ ନାମକ ଜଣେ ମେଷପାଳକ ପିରାମିଡ୍ ଦେଖିବା ପାଇଁ ଆରମ୍ଭ କରିଥିବା ଯାତ୍ରା। ଏଇ ଯାତ୍ରା ହେଉଛି ନିଜର ଦୁର୍ବଳତାକୁ ଅତିକ୍ରମ କରିବାର ପ୍ରୟାସ ଯାହାକି ଯାତ୍ରୀର ବ୍ୟକ୍ତିତ୍ୱ ବଢ଼ାଇଛି। ଆଲ୍‌କେମି ହେଉଛି ରସାୟନ ବିଦ୍ୟାର ସେଇ ଅଧ୍ୟାୟ ଯେଉଁଠି ଗୋଟିଏ ଧାତୁ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ନିଜର ମୂଲ୍ୟ ବଢ଼ାଏ। ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବାନ ଧାତୁରେ ରୂପାନ୍ତରିତ ହୁଏ। ନିଜର ଗଭୀର ଅବବୋଧ ଆତ୍ମବିଶ୍ୱାସ ଫଳରେ ଜଣେ ଆଗେଇଯିବ। ତାକୁ କାହାର ଶତ୍ରୁତା କରିବାର ଆବଶ୍ୟକତା ନାହିଁ କିମ୍ବା କାହାକୁ ନକଲ କରିବା ବି ଅନାବଶ୍ୟକ।

ଓଡ଼ିଆମାନଙ୍କର ରାଜ୍ୟ ବାହାରେ ଗୋଟିଏ ପରିଚିତି ଅଛି ଯେ ସେମାନେ ଅପେକ୍ଷାକୃତ ନମ୍ର, ଲାଜକୁଳା ଏବଂ ବାଦାନୁବାଦଠାରୁ ଦୂରତା ରକ୍ଷା କରିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତି; ମାତ୍ର ଏକ ଦୃଢ଼ ସଂକଳ୍ପ ସମ୍ପନ୍ନ ଜାତି ଭାବରେ ଇତିହାସରେ ସେମାନଙ୍କର ପରିଚିତ ଆଜି ମ୍ଳାନ। 'କଳିଙ୍ଗା ସାହସିକାଃ' କେବଳ ଏକ ଘୋଷଶବ୍ଦ ପାଲଟିଛି। ନିଜ ନିଜ ଭିତରେ କଳି କରୁଥିବାବେଳେ ତାର ସୁଯୋଗ ନେଇଛନ୍ତି ବୈଦେଶିକ ଶତ୍ରୁ, ଆମର ପଡ଼ୋଶୀ ଭାଇ ଆମର ଭଗାରୀ ପାଲଟିଛି – ଇତିହାସରେ ତାର ବହୁ ଉଦାହରଣ। ତେଣୁ ନିଜର ଦୁର୍ବଳତା ପ୍ରତି ସଜାଗ ହୋଇ ତାକୁ ଅତିକ୍ରମ କରିବା ଆଜିର ପ୍ରମୁଖ ଆହ୍ୱାନ।

*ଦୂରଭାଷ : ୯୪୩୮୪୮୨୯୧୧*
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)*

# ମହାମାନ୍ୟ ମୁହମ୍ମଦଙ୍କ ମହତବାଣୀ

ମହତ କରମ କରେ ଯେ ମହାନ୍ ହୁଅଇ ମହି
ମଣ୍ଡଳେ/ସ୍ୱର୍ଣ୍ଣାକ୍ଷରେ ଲେଖାହୁଏ ତା'ର ନା
ପୂଜାପାଏ କାଳେ କାଳେ ॥

ଈଶ୍ୱର ମଣିଷକୁ ଧରାପୃଷ୍ଠାର ସର୍ବକୃଷ୍ଟ ପ୍ରାଣୀ ରୂପେ ଗଢ଼ିଛନ୍ତି । ମଣିଷ ପଶୁ ମଧ୍ୟରେ କେବଳ ଜ୍ଞାନର ମାତ୍ର ଫରକ ଥାଏ । ସୁତରାଂ କୁହାଯାଏ ଯେ 'ଧର୍ମେଣ ହୀନା ପଶୁଭିଃ ସମମାନାଃ' । ଈଶ୍ୱରଙ୍କର ଏହା ବିଧାନ ଯେ ଧର୍ମସ୍ଥାପନା ପାଇଁ ପ୍ରତ୍ୟେକ ଯୁଗରେ ଧର୍ମାବତାରମାନଙ୍କୁ ପ୍ରେରଣ କରି ଲୋକମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରାନ୍ତି । ପ୍ରୋଫେଟ ମୁହମ୍ମଦ ଇସଲାମ ଧର୍ମର ପ୍ରବର୍ତକ ଥିଲେ । ଇସଲାମିକ କ୍ୟାଲେଣ୍ଡର ଗଣନା ଅନୁଯାୟୀ ୧୨ ରବିଉଲ୍ ଅୱ୍ୱଲ୍ ଯାହା ମସିହା ଗଣନାନୁଯାୟୀ ଚଳିତ ବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଈଦ୍ ମିଲାଦ ପର୍ବ ପାଳନ କରାଯାଉଛି। ଏହି ଦିନ ପ୍ରୋଫେଟ ମୁହମ୍ମଦ ଧରାଧାମରେ ଆବିର୍ଭାବ ହୋଇଥିଲେ । ସେ ଜଣେ ମହାନ ଆଦର୍ଶବାଦୀ ମହାପୁରୁଷ ଥିଲେ। ଯାହାଙ୍କ ଆଦର୍ଶରେ ବିଶ୍ୱରେ ପ୍ରାୟ ୧୮୦ କୋଟିରୁ ଊର୍ଦ୍ଧ୍ୱ ଲୋକମାନେ ଅନୁପ୍ରାଣିତ ହୋଇଛନ୍ତି । ସେହି ମହାମାନବଙ୍କ ଚିତ୍ର ଓ ଚରିତ୍ର ତଥା ପବିତ୍ର ଆଦର୍ଶ ବିଷୟରେ କିଛି ଜାଣିବା ଓ ଜଣାଇବାକୁ ଏକ କ୍ଷୁଦ୍ର ପ୍ରୟାସ କରିଛି । ପ୍ରୋଫେଟ ମୁହମ୍ମଦଙ୍କ ଉତମ ଗୁଣ,ଆଦର୍ଶ ଏବଂ ଶିକ୍ଷା ଦ୍ୱାରା ସମ୍ପୂର୍ଣ୍ଣ ଆରବବାସୀ ଏକ ସଭ୍ୟ ସମାଜ ଗଢ଼ିପାରି ଥିଲେ । ପ୍ରୋଫେଟ ମୁହମ୍ମଦଙ୍କ ଆବିର୍ଭାବ ପୂର୍ବରୁ ଆରବବାସୀ ଅସଭ୍ୟ, ଅମଣିଷ ଏବଂ ସମସ୍ତ ମନ୍ଦ କର୍ମରେ ଲିପ୍ତ ଥିଲେ । କୌଣସି ଏପରି ଅସତ୍‌କର୍ମ ନଥିଲା ଯାହାକୁ ସେମାନେ କରିବାକୁ ପଛଘୁଂଚା ଦେଉଥିଲେ। ସର୍ବତ୍ର ପାପଭରା ଦୃଶ୍ୟ ଥିଲା । ସେହି ଅସଭ୍ୟ,ଅମଣିଷ ଓ ଅହଂକାରୀମାନଙ୍କୁ ନିଜ ଆଦର୍ଶରେ ଅନୁପ୍ରାଣିତ କରି ସେମାନଙ୍କୁ ସଭ୍ୟ,ଭଲ ମଣିଷ ତଥା ପ୍ରଭୁଭକ୍ତ କରାଇ ଥିଲେ । ପ୍ରୋଫେଟ ମୁହମ୍ମଦଙ୍କ ଉପରେ ଈଶ୍ୱରଙ୍କ ଅନ୍ତିମ ଓ ସମ୍ପୂର୍ଣ୍ଣ ଧର୍ମ ପୁସ୍ତକ ପବିତ୍ର କୋରାନ ଅବତୀର୍ଣ୍ଣ ହୋଇଥିଲା । ସେ ସମସ୍ତ ଜଗତବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ । ପ୍ରୋଫେଟ ମୁହମ୍ମଦ କୁହନ୍ତି,କର୍ମର ପ୍ରତିଫଳ ମଣିଷର ଅନ୍ତର୍ନିହିତ ଉଦେଶ୍ୟ ଉପରେ ନିର୍ଭର କରେ ଏବଂ ପ୍ରତ୍ୟେକ ମଣିଷ ତା' ଉଦେଶ୍ୟ ଅନୁସାରେ ପ୍ରତିଫଳ ପାଇବ । ସତ୍ୟନିଷ୍ଠତା ମଣିଷକୁ ଧର୍ମପରାୟଣ କରେ ଏବଂ ଧର୍ମପରାୟଣତା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୁଏ । ସାନମାନଙ୍କ ପ୍ରତି ଦୟା ଏବଂ ଗୁରୁଜନମାନଙ୍କୁ ସମ୍ମାନ କର । ଏ ସଂସାର ବିଶ୍ୱାସକାରୀମାନଙ୍କ ପାଇଁ ଏକ ବନ୍ଦୀଶାଳ ଏବଂ ନାସ୍ତିକମାନଙ୍କ ପାଇଁ ଏହା ସ୍ୱର୍ଗ । ଅଧିକ ଧନ ସମ୍ପତି ଠୁଳ କର ନାହିଁ । ଏହା ତୁମକୁ


ଅମତୁସ ଶାଫି

ସଂସାରପ୍ରେମୀ କରି ଦେବ। ସମ୍ପତି ଅର୍ଥ ଧନର ପ୍ରାଚୁର୍ଯ୍ୟ ନୁହେଁ,ବରଂ ପ୍ରକୃତ ସମ୍ପତି ହେଉଛି ଆତ୍ମସନ୍ତୋଷ । ଯିଏ ଅନ୍ୟ ପ୍ରତି ଦୟା କରେ ନାହିଁ,ତା' ପ୍ରତି ମଧ୍ୟ ଦୟା କରାଯିବ ନାହିଁ । ପ୍ରଭୁଙ୍କ ପ୍ରସନ୍ନତା ପିତାମାତାଙ୍କ ପ୍ରସନ୍ନତା ମଧ୍ୟରେ ନିହିତ ଏବଂ ପ୍ରଭୁଙ୍କ କ୍ରୋଧ ପିତାମାତାଙ୍କ କ୍ରୋଧ ମଧ୍ୟରେ ନିହିତ । ନରହତ୍ୟା କରିବା,ପିତାମାତାଙ୍କ ଅବଜ୍ଞା କରିବା ଏବଂ ମିଥ୍ୟା ସାକ୍ଷ୍ୟ ଦେବା ମହାପାପ ଅଟେ । ଯେଉଁ ବ୍ୟକ୍ତି ରକ୍ତ ସମ୍ପର୍କର ବନ୍ଧନକୁ କାଟି ଦିଏ,ସେ ବୈକୁଣ୍ଠରେ ପ୍ରବେଶ କରି ପାରିବ ନାହିଁ । ଯିଏ ଚାହେଁ ଯେ ତା' ଧନ ଓ ଆୟୁ ବଢୁ,ସେ ନିଜ ନିକଟ ସମ୍ପର୍କୀୟମାନଙ୍କ ସହ ଭଲ ସମ୍ପର୍କ ରଖିବା ଉଚିତ୍ । ନିଜ ପତ୍ନୀଙ୍କ ସହ ସଦ୍‌ବ୍ୟବହାର କର । ଯେଉଁ ନାରୀ ମୃତ୍ୟୁବରଣ କରିବା ସମୟରେ ତା'ର ସ୍ୱାମୀ ତା' ଉପରେ ସନ୍ତୁଷ୍ଟ ଥାଏ,ସେ ନାରୀ ଅବଶ୍ୟ ସ୍ୱର୍ଗରେ ପ୍ରବେଶ କରିବ । ସଂସାର ଗୋଟିଏ ସମ୍ପଦ ଏବଂ ସଂସାର ମଧ୍ୟରେ ଜଣେ ଧର୍ମପରାୟଣା ସ୍ତ୍ରୀ ଠାରୁ ଅଧିକ ଭଲ କୌଣସି ସମ୍ପଦ ନାହିଁ । ସେହି ବ୍ୟକ୍ତି ବୈକୁଣ୍ଠରେ ପ୍ରବେଶ କରି ପାରିବ ନାହିଁ, ଯାହାର ଦୁର୍ବ୍ୟବହାର ଦ୍ୱାରା ପଡ଼ୋଶୀ ଅସୁରକ୍ଷିତ ରହିଥାଏ । କ୍ଷୁଧାର୍ଥକୁ ଭୋଜନ ଦିଅ,ରୋଗୀ ସହ ସାକ୍ଷାତ୍ କର ଏବଂ କ୍ରୀତଦାସମାନଙ୍କୁ ମୁକ୍ତ କର । ଆଖିର ବ୍ୟଭିଚାର ବାସନାପୂର୍ଣ୍ଣ ଦୃଷ୍ଟି ଏବଂ ଜିହ୍ୱାର ବ୍ୟଭିଚାର ଅଶ୍ଳୀଳ କଥାରୁ ନିବୃତ ରୁହ । କାହା ପ୍ରତି ଈର୍ଷା କରନାହିଁ । ନିର୍ଯ୍ୟାତିତମାନଙ୍କର ସହାୟତା କର ଏବଂ ପଥହରାମାନଙ୍କୁ ବାଟ ଦେଖାଅ । ବିନମ୍ରତା ମଣିଷକୁ ଉଚ୍ଚାସନ ଦେଇଥାଏ । ଲୋକମାନଙ୍କ ସହ ମିଳିମିଶି ରୁହ ଏବଂ ଶାନ୍ତି ଓ ସଦ୍‌ଭାବନା ସ୍ଥାପିତ କର । ଅହଂକାରୀ ଓ ଚୁଗୁଲିଆ କେବେ ହେଲେ ବୈକୁଣ୍ଠରେ ପ୍ରବେଶ କରି ପାରିବେ ନାହିଁ । ଦାନ କଲେ ଧନ ବଢ଼ିଥାଏ । ଯେତେବେଳେ କ୍ଷମତା ଅଯୋଗ୍ୟ ଲୋକମାନଙ୍କ ହାତକୁ ଆସେ,ପ୍ରଳୟ ନିକଟତର ହୋଇଯାଏ । ମହାପ୍ରଳୟ ପୂର୍ବରୁ ଏମିତି ସମୟ ଆସିବ, ଯେତେବେଳେ ସତ୍‌ଜ୍ଞାନ ଲୋପ ପାଇଯିବ ଏବଂ ଅଜ୍ଞତା ତାର ସ୍ଥାନ ଗ୍ରହଣ କରିବ ଏବଂ ବହୁଳ ଭାବରେ ରକ୍ତପାତ ହେବ । ମଦ୍ୟପାନ କର ନାହିଁ । ଏହା ସବୁ କୁକର୍ମର ମୂଳ । ସବୁ ପ୍ରକାର ନିଶାଦ୍ରବ୍ୟ ନିଷିଦ୍ଧ । ଯାହାର ଅଧିକ ମାତ୍ରା ସେବନ କଲେ ନିଶା ଧରେ,ତାର କମ୍ ପରିମାଣ ମଧ୍ୟ ନିଷିଦ୍ଧ । ସେହିମାନେ ସବୁଠାରୁ ଭଲ, ଯେଉଁମାନଙ୍କର ବ୍ୟବହାର ଓ ଚରିତ୍ର ଭଲ । ଅନ୍ୟକୁ ସତ୍‌କର୍ମର ମାର୍ଗଦର୍ଶନ କରୁଥିବା ବ୍ୟକ୍ତି ସେହି ସତ୍‌କର୍ମ କରୁଥିବା ବ୍ୟକ୍ତି ଭଳି ପୁଣ୍ୟ ଅର୍ଜନ କରିଥାଏ । ଆସନ୍ତୁ ଆମେ ସଭିଁଏ ମିଳିମିଶି ଭଲ ମଣିଷ ହେବା । ସଭ୍ୟ ସମାଜ ଗଢ଼ିବା । ପଢ଼ିବା ଅନ୍ୟକୁ ପଢ଼ାଇବା । ହିତୋପଦେଶ ଶୁଣିବା ଅନ୍ୟମାନଙ୍କୁ ଶୁଣାଇବା । ସର୍ବେ ଭବନ୍ତୁ ସୁଖିନଃ-ସର୍ବେଶାନ୍ତୁ ନିରାମୟା । ଏହାହିଁ ଆମର କାମନା।

***କେଶରପୁର-କଟକ***

# ଓଡ଼ିଆ ଅସ୍ମିତା ଓ ପାଇକ ବିଦ୍ରୋହ

ଗତ ଜୁନ୍ ମାସରେ ଶେଷ ହୋଇଛି ଦେଶର ଅଷ୍ଟାଦଶ ଲୋକସଭା ନିର୍ବାଚନ ସହିତ ଋରୋଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକିମ୍ ଏବଂ ଓଡ଼ିଶାରେ ବିଧାନସଭା ନିର୍ବାଚନ। ୫୪୩ଟି ଲୋକସଭା ଆସନ ପାଇଁ ଏପ୍ରିଲ ମାସ ୧୯, ୨୬, ମେ ମାସ ୭, ୧୩, ୨୦, ୨୫ ଏବଂ ଜୁନ୍ ମାସ ୧ ତାରିଖ ମୋଟ ୭ଟି ପର୍ଯ୍ୟାୟରେ ଏବଂ ଓଡ଼ିଶାରେ ମେ ମାସ ୧୩, ୨୦, ୨୫ ଓ ଜୁନ୍ ୧ ତାରିଖ ୪ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ଶେଷ ହୋଇ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ଦୀର୍ଘ ୨୪ବର୍ଷ ଶାସନ ଡୋରୀ ଧରିଥିବା ବିଜୁ ଜନତା କ୍ଷମତାଚ୍ୟୁତ ହୋଇଥିଲା ଏବଂ ଓଡ଼ିଆ ଅସ୍ମିତାକୁ ନିର୍ବାଚନୀ ପ୍ରସଙ୍ଗ କରି ରାଜ୍ୟରେ ପ୍ରଥମ ଥର ପାଇଁ ଭାରତୀୟ ଜନତା ପାର୍ଟି କ୍ଷମତା ହାସଲ କରିଛି। ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ ଦଳ ନିଜ ନିଜର ନର୍ବାଚନୀ ଇସ୍ତାହାରରେ ବିଭିନ୍ନ ଜନହିତକର ଯୋଜନାମାନ ଘୋଷଣା କରିଥିଲେ। ବିଶେଷ କରି ବିଜୁ ଜନତା ଦଳ ରାଜ୍ୟର ବିକାଶ କଥା କହୁଥିବା ବେଳେ ଭାରତୀୟ ଜନତା ପାର୍ଟି ଓଡ଼ିଆର ଅସ୍ମିତା ଓ ରତ୍ନ ଭଣ୍ଡାରକୁ ନେଇ ମୁଖ୍ୟ ପ୍ରସଙ୍ଗ କରିଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମେତ ପ୍ରତିରକ୍ଷାମନ୍ତ୍ରୀ, ରେଳମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ୪ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବହୁ ସାଂସଦ ଓଡ଼ିଶାଗସ୍ତରେ ଆସି ବିଭିନ୍ନ ବିଜୟ ସଂକଳ୍ପ ସମାବେଶରେ ୨୫ ବର୍ଷ ଧରି ଶାସନ କରିଆସୁଥିବା ବିଜୁ ଜନତା ଦଳର ଜନବିରୋଧୀ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ ଏବଂ ବିଜେପିକୁ ଭୋଟ ଦେଇ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଓଡ଼ିଶାରେ ପରିବ ର୍ନ ହେଲା ଏବଂ ଭାରତୀୟ ଜନତା ପାର୍ଟି ଓଡ଼ିଶାରେ ସରକାର ଗଠନ କଲା।

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଗୃହମନ୍ତ୍ରୀ ଅମିତ ଶାହା ବିଭିନ୍ନ ସ୍ଥାନରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଭାରତୀୟ ଜନତା ପାର୍ଟି ୭୫ଟି ବିଧାନସଭା ଆସନରେ ବିଜୟୀ ହୋଇ ନିଶ୍ଚିତ ଭାବେ ଓଡ଼ିଶାରେ ସରକାର ଗଢ଼ିବ ଓ ଜଣେ ଓଡ଼ିଆ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦୃଢ଼ତାର ସହ କହିଥିଲେ। ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଋବି ହଜିବା ଓ ନକଲି ଋବି ତଥା ଋରିଦ୍ୱାର ଖୋଲାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ ଓ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ୧୮ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ, ଭଦ୍ରକରେ ମେଡ଼ିକାଲ କଲେଜ ପ୍ରତିଷ୍ଠା, ଏକଲକ୍ଷ ଯୁବକଙ୍କୁ ନିଯୁକ୍ତି ଓ ଏକମାସ ମଧ୍ୟରେ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଋବି ଯା ରିପୋର୍ଟ ସାର୍ବଜନୀନ କରିବା ସହିତ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ବିଜେପି ପ୍ରାର୍ଥୀଙ୍କୁ ପଦ୍ମଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ଶ୍ରୀ ଶାହା ଓଡ଼ିଶାବାସୀଙ୍କୁ ନିବେଦନ କରିଥିଲେ। ସେହିପରି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଋର ପାଇଁ ମୋଦୀ ଓଡ଼ିଶା ଗସ୍ତରେ ଆସି ତିନୋଟି ବିଜୟ ସଂକଳ୍ପ ସମାବେଶରେ ବିଜେପି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଜୁନ୍ ୧୦ ତାରିଖରେ ଓଡ଼ିଶାରେ ବିଜେପି ସରକାର ଗଠନ କରିବ ଏବଂ ଜଣେ ଓଡ଼ିଆ ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ବୋଲି ଦୃଢ଼ତାର ସହ କହିଥିଲେ। ଏହା ପୂର୍ବରୁ ଓଡ଼ିଶା ଗସ୍ତରେ ପ୍ରଋର ପାଇଁ ଆସିଥିବା ବେଳେ ଓଡ଼ିଆର ଅସ୍ମିତା, ରତ୍ନଭଣ୍ଡାରର ଋବି ହଜିବାକୁ ମୁଖ୍ୟ ପ୍ରସଙ୍ଗ କରି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ ଏବଂ ଓଡ଼ିଶାରେ ବିଜେପି ସରକାର ଆସିଲେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଘୋଷଣ କରିଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ବାରମ୍ବାର ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ କହୁଥିବା ପ୍ରଧାନମନ୍ତ୍ରୀ ମୋଦୀ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ବିକାଶ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ଓଡ଼ିଶାର କୌଣସି ବ୍ୟକ୍ତିଙ୍କୁ ଭାରତ ରତ୍ନ ନ ମିଳିବା ଏବଂ ମହାନଦୀ ଜଳ ବିବାଦର ସମାଧାନ ଦିଗରେ କୌଣସି ମନ୍ତବ୍ୟ ଦେଲେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଓଡ଼ିଶାର ଅସ୍ମିତା, ଓଡ଼ିଶାର ଗର୍ବ ଓ ଗୌରବ ପାଇକ ବିଦ୍ରୋହ। ୧୮୧୭ରେ ଖୋର୍ଦ୍ଧା ମାଟିରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ହୋଇଥିବା ପାଇକ ବିଦ୍ରୋହ ଇଂରେଜ ଶାସନ ବିରୁଦ୍ଧରେ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି


ସୁବାସ କୁମାର ତାରଣିଆଁ

ଐତିହାସିକମାନେ ମତ ଦେଇଥିଲେ। ମାତ୍ର ପାଇବ ବିଦ୍ରୋହ ବିଷୟରେ ବିବୃ ି ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ କୌଣସି କେନ୍ଦ୍ରୀୟ ନେତା ଆଗ୍ରହ ପ୍ରକାଶ କରିନଥିଲେ।

ଜାତୀୟତାବାଦୀ ମହାଜାଗରଣ, ଉଚ୍ଚାଙ୍ଗ ଚେତନାବୋଧ ଆଉ ଦେଶାତ୍ମବୋଧ ଭାବନାକୁ ହୃଦୟରେ ଜାବୁଡ଼ି ଧରି ଓଡ଼ିଶା ମାଟିର ବୀର ପାଇକମାନେ ଭାରତବର୍ଷରେ ପ୍ରଥମଥର ପାଇଁ ଇଂରେଜମାନଙ୍କ ବିରୁଦ୍ଧରେ ମେଳି ବାନ୍ଧିଥିଲେ। ୧୮୧୭ମସିହାରେ ଖୋର୍ଦ୍ଧା ମାଟିରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ହୋଇଥିଲା ଇଂରେଜମାନଙ୍କ ବିରୁଦ୍ଧରେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ। ଏହାର ୪୦ ବର୍ଷ ପରେ ଅର୍ଥାତ୍ ୧୮୫୭ ମସିହାରେ ସଂଗଠିତ ହୋଇଥିଲା ସିପାହୀ ବିଦ୍ରୋହ ଯାହାକୁ ସିପାହୀ ମିଉଟିନି କୁହାଯାଏ। ମିଉଟିନି ଶବ୍ଦର ଅର୍ଥ ପୋଲିସ୍ ବିଭାଗର ତଳିଆ କର୍ମଋରୀମାନେ ସଂଗଠିତ ହୋଇ ଉପରିସ୍ଥ ଅଧିକାରୀମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବା। ତେଣୁ ସିପାହୀ ବିଦ୍ରୋହ ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍ଦିଷ୍ଟ ନଥିଲା, ତାହା ଥିଲା ସିପାହୀ ମାନଙ୍କର ଉପରିସ୍ଥ ଅଧିକାରୀମାନଙ୍କ ବିରୁଦ୍ଧରେ ବିଦ୍ରୋହ। କିନ୍ତୁ ପାଇକ ବିଦ୍ରୋହ ଦେଶ ଓ ଜାତିର ସ୍ୱାଭିମାନ ସୁରକ୍ଷା ପାଇଁ ତଥା ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ସଂଗଠିତ ହୋଇଥିଲା। ଇତି ମଧ୍ୟରେ ପାଇକ ବିଦ୍ରୋହ ୨୦୬ ବର୍ଷ ଅତିକ୍ରାନ୍ତ କରିସାରିଲାଣି, ମାତ୍ର ଦୁଃଖ ଓ ପରିତାପର ବିଷୟ, ୧୮୫୭ ସିପାହୀ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଇଛି କିନ୍ତୁ ପାଇକ ବିଦ୍ରୋହକୁ ଏପର୍ଯ୍ୟନ୍ତ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରାଯାଇ ନାହିଁ।

ଐତିହାସିକ ପାଇକ ବିଦ୍ରୋହର ୨୦୦ବର୍ଷ ପୂ ି ପାଳନ ଅବସରରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରିବାକୁ ଦାବି ହୋଇଥିଲା। ରାଜ୍ୟ ସରକାରଙ୍କ ସହଯୋଗ ଓ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିବ ବୋଲି ଆଶା କରାଯାଉଥିଲା। ୨୦୧୭ ମସିହା ଜୁଲାଇ ମାସରେ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂ ି ସମାରୋହରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉପସ୍ଥିତିକୁ ନେଇ ଆଶା କରାଯାଉଥିଲା ଯେ, ଓଡ଼ିଶାକୁ ଉଚିତ୍ ନ୍ୟାୟ ମିଳିବ, ମାତ୍ର ତାହା ସମ୍ଭବ ହୋଇପାରିଲା ନାହିଁ। ବୀରପାଇକମାନଙ୍କ ବାରମ୍ବାର ଦାବି ପରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ବକ୍ସି ଜଗବନ୍ଧୁ' ପାଇକ ଚେୟାର ପ୍ରତିଷ୍ଠା କରାଯାଇ ଏହା ଉପରେ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯାଇଥିଲା। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ବରୁଣେଇ ପାହାଡ଼ ପାଦଦେଶରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭି ିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଆଗମନ ସମୟରେ ପାଇକ ବିଦ୍ରୋହରେ ସାମିଲ ହୋଇ ସହୀଦ ହୋଇଥିବା ପାଇକ ପରିବାରର ଦାୟଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହି ସମୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଇତିହାସକୁ ପୁନରୁଦ୍ଧାର କରାଯାଇ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇବା ସହ ଏହା ପାଠ୍ୟପୁସ୍ତକରେ ସ୍ଥାନ ପାଇବ, ଆଗାମୀ ପିଢ଼ି ପାଇଁ ଏହା ଏକ ବା ର୍ା ହେବ। ହେଲେ ବହୁ ଆଡ଼ମ୍ବର ଲଘୁକ୍ରିୟା ଭଳି ପୁନର୍ବାର ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଯୋଗୁ ପାଇକ ବିଦ୍ରୋହକୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିପାରିଲା ନାହିଁ।

ଗତ ସେପ୍ଟେମ୍ବର ୮ ତାରିଖରେ ପାଇକଗଡ଼ ଖୋର୍ଦ୍ଧାରେ ଓଡ଼ିଶା ପାଇକ ଏକାଡ଼େମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ପରେ ପାଇକ ସଂସ୍କୃତି ଓ ପରମ୍ପରାର ପ୍ରଋର ଓ ପ୍ରସାରରେ ବେଶ ସହାୟକ ହେବ। ରାଜ୍ୟର ଗୌରବମୟ ପାଇକ ପରମ୍ପରାର ସାମୂହିକ ବିକାଶ ଏବଂ କେନ୍ଦ୍ର, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଡା ାରେ ପ୍ରତିଷ୍ଠା ହେବ। ଓଡ଼ିଶା ପାଇକ ଏକାଡ଼େମୀ ଓ ଗବେଷଣା କେନ୍ଦ୍ର ଦେଶ ତଥା ବିଦେଶରେ ପାଇକ ସଂସ୍କୃତି ଓ ପରମ୍ପରାର ପ୍ରଋର ପ୍ରସାରରେ ବେଶ୍ ସହାକୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ପାଇକମାନଙ୍କ ସାମୂହିକ ବିକାଶ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଜରିଆରେ ଶିକ୍ଷା ପ୍ରଦାନ ସହିତ ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଯଥାଶୀଘ୍ର ଏହି କେନ୍ଦ୍ର ପାଇଁ ସ୍ଥାନ ନିରୂପଣ ଓ ବିସ୍ତୃତ ପ୍ରକଳ୍ପ ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଓଡ଼ିଶାର ଅସ୍ମିତା ଓ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ଏହା ସହିତ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ବିକାଶ, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ଓଡ଼ିଶାର ବରପୁତ୍ର ମାନଙ୍କୁ ଭାରତ ରତ୍ନ ପ୍ରଦାନ ଏବଂ ମହାନଦୀ ଜଳ ବିବାଦର ସମାଧାନ ପାଇଁ ପଦକ୍ଷେପ ନେବା, ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରିବାକୁ ପଦକ୍ଷେପ ଗ୍ରହଣ କରନ୍ତୁ। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରାଗଲେ, ଓଡ଼ିଶା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ତେଣୁ ରାଜ୍ୟବାସୀଙ୍କ ସମୂହ ଦାବିକୁ ମୋଦୀ ପୂରଣ କରିପାରିଲେ, ଏହା ହିଁ ହେବ ଓଡ଼ିଶାବାସୀଙ୍କ ପ୍ରତି ମୋଦିଜୀଙ୍କ ଶ୍ରେଷ୍ଠ ଉପହାର।

ମୋ : ୮୩୨୮୮୪୦୨୧୪
କ ି, ବାହାରଣା, ବାଲିକୁଦା,
ଜଗତସିଂହପୁର

# ସ୍ନାତକ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷା ନୀତି

ବିକଶିତ ଭାରତ ଗଢ଼ିବା ପାଇଁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଜାତୀୟ ଶିକ୍ଷା ନୀତିର ପାଖାପାଖି ୪ ବର୍ଷ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ହୋଇଛି। ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ହେଉଛି ଏକ ଯୁବବର୍ଗଙ୍କ ଦେଶ। ବିଶେଷ ଭାବରେ ବିଶ୍ୱ ଯେତେବେଳେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରିଚ଼ାଳିତ ହେଉଛି ସେହି ସମୟରେ ଯୁବକଙ୍କୁ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକ କରିବା ଦେଶର ଆହ୍ୱାନ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏପରି ଏକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ପଡ଼ିବ ଯେଉଁ ଶିକ୍ଷା ଉଭୟ ମୂଳଭିତି ଏବଂ ଭବିଷ୍ୟତବାଦୀ ହେବ। ସାମଗ୍ରିକ ଆଭିମୁଖ୍ୟ ସହିତ ମହାବିଦ୍ୟାଳୟ ଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ପ୍ରସ୍ତୁତ କରିବା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚ଼ନାତ୍ମକ ଚ଼ିନ୍ତାଧାରାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ସହ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ହେବାକୁ ପଡ଼ିବ। ଏହାବ୍ୟତିତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିର ଗୁରୁତ୍ୱ, ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ସମୟୋପଯୋଗି ପାଠ୍ୟ କ୍ରମରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୨୩ ଡିସେମ୍ବରରେ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସମ୍ମିଳନୀରେ ରାଜ୍ୟପାଳ ରଘୁବର ଦାସ ଏହାଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ନୂତନ ଶିକ୍ଷା ନୀତିକୁ ଆଦୃତ କରିବା ନିମନ୍ତେ ଉଚ୍ଚ଼ଶିକ୍ଷା ବିଭାଗ ବାରମ୍ବାର ମାନହ ମନ୍ଥନ ପରେ ଚ଼ଳିତ ଶିକ୍ଷା ବର୍ଷ ୨୦୨୪-୨୫ରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ନୂତନ ଶିକ୍ଷା ନୀତି ୨୦୨୦ । ବିଶିଷ୍ଟ ଶିକ୍ଷାବିତଙ୍କ ମତରେ ଓଡ଼ିଶାରେ ସଫଳ ରୂପାୟନ ହେବାକୁ ଯାଉଛି 'ଡବଲ ଇଂଜନ୍' ସରକାର ଯୋଗୁଁ। ଶେଷରେ ଚ଼ଳିତ ସରକାରଙ୍କ ଆନ୍ତରିକ ଉଦ୍ୟମରେ ଅଗଷ୍ଟ ୧୩ ତାରିଖରେ ରାଜ୍ୟର ସମସ୍ତ ସରକାରୀ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, କୂଳ ସଚ଼ିବ ଓ ପରିକ୍ଷା ନିୟନ୍ତ୍ରକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ ବୈଠକରେ ଉଚ୍ଚ଼ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଧକ୍ଷତା କରି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି କାର୍ଯ୍ୟକ୍ଷମ କରିବା ପାଇଁ। ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ୨୦୨୦ରେ ଜାତୀୟ ଶିକ୍ଷା ନୀତି(ଏନ୍ ?ଇପି)ର

କିଶୋର ଚ଼ନ୍ଦ୍ର ବେହେରା

ଅନୁମୋଦନ ପରେ ଏହି ନୀତିକୁ ୨୦୨୧ରେ କର୍ଣ୍ଣାଟକ ରାଜ୍ୟ ପ୍ରଥମେ ଲାଗୁ କରିଥିଲା। ପରବର୍ତ୍ତୀ ସମୟରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ସମେତ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ଏଦିଗରେ ପଦକ୍ଷେପ ନେଇଛନ୍ତି। ପାଠ୍ୟସୂଚ଼ୀ ପରିବର୍ତ୍ତନ ସହ ପାଠପ ?। ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଓଡ଼ିଶାରେ ସ୍ନାତକରେ ଲାଗୁ କରିବାକୁ ଦୁଇ ବର୍ଷ ହେଲା ପାଠ୍ୟସୂଚ଼ୀ ପ୍ରସ୍ତୁତ ଚ଼ାଲିଥିଲା ତାହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ କ୍ଷମତା ପ୍ରଦାନ କରାଯାଇଛି। ଯଦି ଉଚ୍ଚ଼ଶିକ୍ଷା କଥା ବିଚ଼ାରକୁ ନିଆଯାଏ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ପରେ ପିଜି ସ୍ତରରେ ତିନି-ବର୍ଷିଆ ଓ ଚ଼ାରି ବର୍ଷିଆ ଡିଗ୍ରି ରହିବ। ପିଲାମାନେ ଇଚ୍ଛାନୁସାରେ କଳା, ବିଜ୍ଞାନ, ବାଣିଜ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଧନ୍ଦାମୂଳକ ପରି ଯେ କେ ?ଣସି ବିଷୟ ଚ଼ୟନ କରିପାରିବେ। ଏପରିକି ଇଞ୍ଜିନିୟରିଂ, ମେଡ଼ିକାଲ, ମ୍ୟାନେଜମେଣ୍ଟ ଭଳି ବିଷୟ ମଧ୍ୟ ନେଇପାରିବେ। ପିଲାଟି ଯେକେ ?ଣସି ବର୍ଷର ପରୀକ୍ଷା ପରେ ପାଠପ ?। ଛାଡ଼ି ପରବର୍ତ୍ତୀ ସମୟରେ ଯୋଗ ଦେଇ ସ୍ନାତକ ଡିଗ୍ରି ପାଇପାରିବ। ଯୁକ୍ତ୩ ସ୍ତରରେ କିଛି ଗବେଷଣା କଲେ ଚ଼ାରିବର୍ଷିଆ ସ୍ନାତକ ଡିଗ୍ରି ମିଳିବ। ତିନି ବର୍ଷିଆ ସ୍ନାତକ ଡିଗ୍ରିଧାରୀମାନେ ସ୍ନାତକୋତ୍ତର ଉପାଧି ପାଇଁ ଦୁଇ ବର୍ଷ ଓ ଚ଼ାରି-ବର୍ଷିଆ ସ୍ନାତକମାନେ ଗୋଟିଏ ବର୍ଷ ପଢ଼ିବେ। ଧୀରେ ଧୀରେ ସମସ୍ତ ଉଚ୍ଚ଼ ଶିକ୍ଷାନୁଷ୍ଠାନ ସ୍ୱୟଂଶାସିତ ହେବେ ବୋଲି ନୂତନ ଶିକ୍ଷା ନୀତିରେ ଉଲ୍ଲେଖ ହୋଇଛି। ସେପ୍ଟେମ୍ବର ୩ ଓ ୪ ତାରିଖ ଦିନ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ଅଧକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା ନିପା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କର୍ମଶାଳା ଆୟୋଜନର ମୁଖ୍ୟ ପ୍ରସଙ୍ଗ ଥିଲା ନୂତନ ଶିକ୍ଷା ନୀତି ଅଗାଧ ସମୁଦ୍ର ଜଳ ରାଶି, ସେହି ଜଳ ମଧ୍ୟରୁ ଟୋପାଏ ଟୋପାଏ ଜଳ ଆଣି ସମୁଦ୍ର ସୃଷ୍ଟି କରିବାର ସ୍ନାତକ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟମାନଙ୍କର ବର୍ଗୀକରଣ ନୂତନ ଶିକ୍ଷା ନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ଓ ଆମ୍ଶିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ମାନଙ୍କ ମଧ୍ୟରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ସରକ ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଦୂରବସ୍ଥା ଅତି ଦୟନୀୟ ଓ ଶୋଚ଼ନୀୟ। ଏଠି ଭିତିଭୂମିର ଅଭାବ ସହ ଜଣିଏ ଭାରପ୍ରାପ୍ତ ଅଧକ୍ଷ ଓ ୪ ଜଣ ଅତିଥି ଅଧାପକ ଓ ଅଳ୍ପ ସଂଖ୍ୟକ କର୍ମଚ଼ାରୀଙ୍କୁ ନେଇ ପାଠପଢ଼ା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ଧର୍ମକୁ ଆଖି ଠାର ବ୍ୟବସ୍ଥା ଅନୁଯାଇ ଅସ୍ଥାୟୀ ଅଧକ୍ଷ ନିଯୁକ୍ତି କରି ସରକାର ଝାଡ଼ି ଝୁଡ଼ି ହୋଇ ବସି ପଡିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମପଦଣ୍ଡ କେତେଦୂର ଉଚ୍ଚ଼ଶିକ୍ଷା ବିଭାଗ ପୁରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ନିମନ୍ତେ ସରକାର ବ୍ୟପକ ପଦକ୍ଷେପ ନେବାକୁ ପଡ଼ିବ। ସମସ୍ତ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ସ୍ଥାୟୀ ଭିତିଭୂମି, ବେସରକାରୀ ଅନୁଦାନ ପ୍ରାପ୍ତ ଅଧାପକ ଓ କର୍ମଚ଼ାରୀଙ୍କ ସାମାଜିକ ନିରାପତ୍ତା, ଅବସରକାଳୀନ ଭତ୍ତା ଓ ସ୍ଥାୟୀ ଅଧକ୍ଷ ନିଯୁକ୍ତି କରାଗଲେ ଶିକ୍ଷାର ମାପଦଣ୍ଡ ସମାନ ରହିବା ସହ ଶିକ୍ଷାର ପ୍ରଗତି ହୋଇପାରିବ।

*ଅଧାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*
*ଯୋଗାଯୋଗ ୯୪୩୭୯୫୫୫୬୮*




# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା କାର୍ଯ୍ୟକାରିଣୀ



ବଲାଙ୍ଗିର,(ପି.ଏନ): ଆଜି ସ୍ଥାନୀୟ ବଲାଙ୍ଗିର ସହର ସ୍ଥିତ ମାରୱାଡି ସଦନ ଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଗଠନର ଜାତୀୟ ସାଂଗଠନିକ ସମ୍ପାଦକ ତଥା ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ମୁଖ୍ୟ ଶ୍ରମିକ ସମସ୍ୟା, ଦାଦନ ସମସ୍ୟା ଦଶନ୍ଧି ଦଶନ୍ଧି ଧରି ଜିଲ୍ଲାରେ ମୁଣ୍ଡ ଟେକି ରହିଥିଲେ ହେଁ ସରକାରୀ ସ୍ତରରେ ଆନ୍ତରିକତାର ଅଭାବ ଓ ସରକାର ଶ୍ରମିକ ବିରୋଧି ନୀତି ଯୋଗୁଁ ଏହାର ସମାଧାନ ହୋଇ ପାରୁନାହିଁ, ତେଣୁ ଶ୍ରମିକ ସମାଜ ନିଜେ ସଚେତନ ହୋଇ ଏଥି ପାଇଁ ସଂଘର୍ଷ କରିବାକୁ ପଡିବ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବଉଦ ଜିଲ୍ଲା ସଭାପତି ସରୋଜ ପଧାନ ଯୋଗଦାନ କରି ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଥିବା ଶ୍ରମିକ ଙ୍କ ପଞ୍ଜିକରଣ ଶ୍ରମ ବିଭାଗ ବାଧ୍ୟତାମୂଳକ ଭାବରେ କରିବା ବଦଳରେ ଏଥିରେ ଟାଳଟୁଣ ନୀତି ଅବଲମ୍ବନ ଦ୍ୱାରା ପରମୁହୁର୍ତ୍ତରେ ଶ୍ରମିକ ରାଜ୍ୟ ବାହାରକୁ ଯାଇ ନିର୍ଯ୍ୟାତିତ ହୋଇଥାନ୍ତି । ତେଣୁ ଶ୍ରମିକ ସମସ୍ୟାକୁ ବିଭାଗୀୟ ଅଧିକାରୀ ଅତି ହାଲୁକା ଭାବରେ ଗ୍ରହଣ କରିବା ଦୁଃଭାଗ୍ୟପୂର୍ଣ୍ଣ ବୋଲି ମତ ପୋଷଣ କରିଥିଲେ । ଏହି ବୈଠକରେ ପ୍ରବାସୀ ଶ୍ରମିକକୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ବିଭାଗୀୟ ଅପାରଗତକୁ ପ୍ରମୁଖ ଭାବରେ ଉପସ୍ଥାପନ କରା ?ାଇ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗଠନ ସଦା ତତ୍ପର ବୋଲି ମତବ୍ୟକ୍ତ କରାଯାଇଛି । ଅନ୍ୟତମ ଅତିଥି ଭାବେ ଗୋଲାବାରୁଦ କାରଖାନା କର୍ମଚାରୀ ୟୁନିୟନ ର ଉପ-ସଭାପତି ସଂଜିବ କୁମାର ବଗର୍ତ୍ତି, ନିଖିଳ ଉତ୍କଳ ଗ୍ରାମିଣ ଚାଷି ମୁଲିଆ ସଂଘର ସଭାପତି ପ୍ରେମାନନ୍ଦ ଭୋଇ ଯୋଗ ଦେଇ ଚାଷ ଓ ଚାଷୀଙ୍କ ସୁରକ୍ଷା ଦୃଷ୍ଟିରୁ ଦେଓଗାଁ ଚିନି କଳକୁ ପୁନଃ କାର୍ଯ୍ୟକ୍ଷମ କରିବା,ଧାନର ଏମ୍ ?ଏସ୍ ?ପି ଯଥାଶିଘ୍ର ୩୧ଶହ ଘୋଷଣା କରିବା ଓ ସରକାରୀ ପ୍ରତିଶୃତି ଅନୁଯାୟୀ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇ ଦେବାକୁ ସଭାରେ ଆଲୋଚନା ହୋଇଥିଲା । ସମଗ୍ର ଦେଶରେ ଦରଦାମ ବୃଦ୍ଧି ଯୋଗୁଁ ଶ୍ରମିକ ଓ ମଧ୍ୟବିତ୍ତ ବର୍ଗର ଲୋକଙ୍କ ମେରୁଦଣ୍ଡ ଦୋହଲି ଯାଇଥିବାରୁ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା । ମନରେଗା ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ୨୦୦ ଦିନର କାର୍ଯ୍ୟ ବାଧ୍ୟତାମୂଳକ ଭାବରେ ଯୋଗାଇଦେବା, ଜିଲ୍ଲାର ବେକାର ଶିକ୍ଷିତ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଜିଲ୍ଲାରେ ଗଢିଉଠିଥିବା ବିଭିନ୍ନ ପ୍ରକଳ୍ପ ଓ ଠିକା ସଂସ୍ଥାମାନଙ୍କରେ ଚାକିରି ଦେବା ଓ ଶ୍ରମିକ ଙ୍କ ରୋଜଗାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଦାବି କରାଯାଇଥିଲା । ଦଶନ୍ଧି ଦଶନ୍ଧି ଧରି ଦାଦନ ସମସ୍ୟା ଉପରେ ମିଟିଙ୍ଗ ସିଟିଙ୍ଗ ଇଟିଙ୍ଗ ମାଧ୍ୟମରେ ସମୟ ନଷ୍ଟ କରାନଯାଇ ଏହାର ସମାଧାନ କରାଯାଉ ବୋଲି ମତ ପୋଷଣ କରାଯାଇଥିଲା । ଏହା ସହିତ ଗତ ସରକାର ଥିବା ବେଳେ ନୂଆପଡା ଓ ବଲାଙ୍ଗିର ଜିଲ୍ଲାକୁ ଦାଦନ ମୁକ୍ତ ଘୋଷଣା କରାଯାଇ ୭ ଗୋଟି ବ୍ଲକ କୁ ପ୍ରଦାନ କରାଯାଇଥିବା ୧୩୪ କୋଟି ଟଙ୍କାର କାର୍ଯ୍ୟକାରିତା ଉପରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ମଧ୍ୟ ଦାବି ହୋଇଥିଲା । ସଭା ଶେଷରେ ସଂଗଠନର ସାଧାରଣ ସମ୍ପାଦକ ବିଦ୍ୟାଧର ସୁନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ସଭାରେ ଜିଲ୍ଲା ଯୁଗ୍ମ ସଂପାଦକ ବିବେକ ପାତ୍ର, କୋଷାଧ୍ୟକ୍ଷ ରମାକାନ୍ତ ମାଝି, ନାରିନେତ୍ରୀ ମଞ୍ଜୁରାଣୀ ନାଗ, ସୁଷମା ବାରିକ, ସୁଜାତା ବାରିକ, କୁଞ୍ଜବିହାରୀ ବାଗ, ଗୋବିନ୍ଦ ସୁନା, ସୁମିତ କୁମ୍ଭାର, ଅର୍ଜୁନ ବାଗ, ଚୌଧୁରୀ କୁମ୍ଭାର, ରାଜା ପୁଟା, ଅଜୁ ଦୋରା , ସୁଶାନ୍ତ ବାରିକ ଉପସ୍ଥିତ ଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ବ୍ରହ୍ମପୁର-ଟାଟାନଗର ଭାୟା କେନ୍ଦୁଝର ବନ୍ଦେ ଭାରତ ଏକ୍ସପ୍ରେସ ସହିତ ଛଅ ଗୋଟି ବନ୍ଦେ ଭାରତ ଏକ୍ସପ୍ରେସ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ



ଭୁବନେଶ୍ୱର,(ପି.ଏନ):ଆସନ୍ତାକାଲି ଓଡିଶା ମଧ୍ୟଦେଇ ରାୟପୁର-ବିଶାଖାପାଟନମ୍ ବନ୍ଦେ ଭାରତ ଏକ୍ସପ୍ରେସ ଭାୟା ଟିଟିଲାଗଡ଼ ଓ ରାୟଗଡା ର ଶୁଭାରମ୍ଭ କରାଯିବ । ଆଜି ଶୁଭାରମ୍ଭ ହୋଇଥିବା ବନ୍ଦେ ଭାରତ ଏକ୍ସପ୍ରେସ ଗୁଡିକ ହେଉଛି ପ ବ୍ରହ୍ମପୁର-ଟାଟା, ରାଉରକେଲା-ହାଓଡ଼ା, ଟାଟା-ପାଟନା, ଦେଓଘର-ବାରଣାସୀ, ଗୟା-ହାଓଡ଼ା ଏବଂ ଭାଗଲପୁର-ହାଓଡ଼ା ବନ୍ଦେ ଭାରତ । ମାନ୍ୟବର ମନ୍ତ୍ରୀ / ସାଂସଦ / ବିଧାୟକ / ବିଶିଷ୍ଟ ବ୍ୟକ୍ତିମାନେ ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯଖପୁରା, ହରିଚ୍ଛନ୍ଦନପୁର, କେନ୍ଦୁଝରଗଡ, ବାଂଶପାଣି ଏବଂ ଚାଇବାସା ଠାରେ ବନ୍ଦେ ଭାରତ ଏକ୍ସପ୍ରେସ କୁ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡଖଣ୍ଡରୁ ଭିଡିଓ ନଫରେନ୍ସିଂ ମାଧ୍ୟମରେ ଛଅ ଗୋଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବାବେଳେ ବିଭିନ୍ନ ରେଳ ପ୍ରକଳ୍ପ ଗୁଡିକର ଭିତ୍ତିପ୍ରସ୍ତର ସହିତ ଉଦଘାଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ରେଳ ସଂଯୋଗ ଏବଂ ଯାତ୍ରା ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡିକ ମଧ୍ୟ ଉତ୍ସର୍ଗୀକୃତ କରାଯାଇଥିଲା ।ଶୁଭାରମ୍ଭ ହୋଇଥିବା ବନ୍ଦେ ଭାରତ ଟ୍ରେନ୍ ଗୁଡିକ ହେଉଛି ବ୍ରହ୍ମପୁର-ଟାଟା, ରାଉରକେଲା-ହାଓଡ଼ା, ଟାଟା-ପାଟନା, ଦେଓଘର-ବାରଣାସୀ, ଗୟା-ହାଓଡ଼ା ଏବଂ ଭାଗଲପୁର-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ।ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ପ୍ରଚଳନ ଭାରତର ରେଳ ନେଟ୍‌ୱର୍କକୁ ବିଶ୍ୱ ସ୍ତରୀୟ ନେଟ୍‌ୱର୍କରେ ପରିଣତ କରିବାର ସରକାରଙ୍କ ବ୍ୟାପକ ଦୃଷ୍ଟିକୋଣର ପ୍ରମାଣ ଅଟେ । ଆଧୁନିକ ସୁବିଧାଗୁଡ଼ିକ ସହିତ ସଜ୍ଜିତ ଏବଂ ଆରାମ ପାଇଁ ଡିଜାଇନ୍ ହୋଇଥିବା ଏହି ସେମି-ହାଇ ସ୍ପିଡ୍ ଟ୍ରେନ୍ ଗୁଡିକ ଯାତ୍ରା ସମୟ ହ୍ରାସ କରିବ ଏବଂ ଏକ ଉନ୍ନତ ଭ୍ରମଣ ଅଭିଜ୍ଞତା ପ୍ରଦାନ କରିବ ବୋଲି ଆଶା କରାଯାଉଛି ।ପାଟନା, ଦେଓଗର, ବ୍ରହ୍ମପୁର, ଧଓନବାଦ୍, ଏବଂ ରାଉରକେଲା ଭଳି ସହରଗୁଡ଼ିକୁ ପ୍ରମୁଖ ବାଣିଜ୍ୟିକ ଏବଂ ଶିଳ୍ପ କେନ୍ଦ୍ର ସହିତ ସଂଯୋଗ କରି ଏହି ନୂତନ ମାର୍ଗଗୁଡ଼ିକ କେବଳ ଯାତ୍ରୀଙ୍କ ସଂଯୋଗକୁ ସୁଦୃଢ଼ କରିବ ନାହିଁ ବରଂ ଏହି ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରୋତ୍ସାହିତ କରିବ । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ରଘୁବର ଦାସ ରାଉରକେଲା ରେଳ ଷ୍ଟେସନରେ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ ଯେଉଁଠାରେ ରାଉରକେଲା-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସକୁ ଶୁଭାରମ୍ଭ କରାଯାଇଥିଲା ।ସେହିଭଳି ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା ଶ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ରେଳ ଷ୍ଟେସନରେ ଏହି ଉତ୍ସବରେ ଯୋଗ କରିଥିଲେ ।ଏହି ଅବସରରେ ସେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଏବଂ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଜୀଙ୍କୁ ଓଡିଶାରେ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ ପ୍ରଚଳନ କରାଇଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି ଏବଂ ବ୍ରହ୍ମପୁରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରା କରିଛନ୍ତି ।ଶ୍ରୀ ମାଝୀ ମଧ୍ୟ ଛାତ୍ରଛାତ୍ରୀ ଓ ଯାତ୍ରୀମାନଙ୍କ ସହିତ ଭାବବିନିମୟ କରି ସେମାନଙ୍କ ମତାମତ ନେଇଥିଲେ ।ମାନ୍ୟବର ମନ୍ତ୍ରୀ, ଓଡ଼ିଶା ସରକାର ଶ୍ରୀ ବିଭୁତି ଭୂଷଣ ଜେନା ଏବଂ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମାନ୍ୟବର ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ ଏବଂ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ମାନ୍ୟବର ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର ଏବଂ ଶ୍ରୀ କେ.ଅନୀଲ କୁମାର ଏହି ଅବସରରେ ଯୋଗ ଦେଇଥିଲେ । ମାନ୍ୟବର ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ; ମାନ୍ୟବର ସାଂସଦ ଡ ସମ୍ବିତ ପାତ୍ର, ବାଲୁଗାଁ ରେଳ ଷ୍ଟେସନରେ ଏହି ଅବସରରେ ଅଂଶଗ୍ରହଣ କରିଥିଲେ ।ଖୋର୍ଦ୍ଧା ରୋଡରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ବିଧାୟକ ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ ଉପସ୍ଥିତ ଥିଲେ ।ଭୁବନେଶ୍ୱର ରେଳ ଷ୍ଟେସନରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କେ ଭି ସିଂହଦେଓ ଉପସ୍ଥିତ ଥିବାବେଳେ କଟକ ରେଳ ଷ୍ଟେସନରେ ମାନ୍ୟବର ବିଧାୟିକା ସୋଫିଆ ଫିରଦୋଷ ଉପସ୍ଥିତ ଥିଲେ ।ଯଖପୁରା ରେଳ ଷ୍ଟେସନରେ ମାନ୍ୟବର ମନ୍ତ୍ରୀ ଓଡ଼ିଶା ସରକାର ଶ୍ରୀ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ସାଂସଦ ଡ ରବୀନ୍ଦ୍ର ନାରାୟଣ ବେହେରା ଉପସ୍ଥିତ ଥିଲେ ।ହରିଚ୍ଛନ୍ଦନପୁର ଷ୍ଟେସନରେ ମାନ୍ୟବର ବିଧାୟକ ଡ ଫକିର ମୋହନ ନାୟକ ଉପସ୍ଥିତ ଥିବାବେଳେ ମାନ୍ୟବର ସାଂସଦ ଶ୍ରୀ ଅନନ୍ତ ନାୟକ କେନ୍ଦୁଝରଗଡ ରେଳ ଷ୍ଟେସନରେ ଉପସ୍ଥିତ ରହି ଟାଟାନଗର ଅଭିମୁଖେ ପ୍ରାରମ୍ଭିକ ଯାତ୍ରା କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସକୁ ସ୍ୱାଗତ କରିଥିଲେ । ବ୍ରହ୍ମପୁରରୁ ଉଦଘାଟନୀ ଉତ୍ସବରେ ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବାହ୍ନ ୧୧ ଘଟିକାରେ ୧ଛାଡିଥିଲା ।ତେବେ, ଟ୍ରେନର ନିୟମିତ ସେବା ଟାଟାନଗରରୁ ୧୮ ସେପ୍ଟେମ୍ବର ୨୦୨୪ ଠାରୁ ଏବଂ ବ୍ରହ୍ମପୁରରୁ ୧୯ ସେପ୍ଟେମ୍ବର ୨୦୨୪ ଠାରୁ ଆରମ୍ଭ ହେବ ।ନିୟମିତ ଚଳାଚଳ ସମୟରେ, ଏହି ଟ୍ରେନ୍ ବ୍ରହ୍ମପୁରରୁ ସକାଳ ୦୫ଘ.୧୫ମିରେ ଛାଡି ଟାଟାକୁ ଯାତ୍ରା କରିବାକୁ ଥିବାବେଳେ ଫେରିବା ମାର୍ଗରେ ଏହି ଟ୍ରେନ୍ ଟାଟାରୁ ଅପରାହ୍ନ ୦୨ଘ.୫୦ମିରେ ଛାଡି ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିବ । ପ୍ରଧାନମନ୍ତ୍ରୀ ମଧ୍ୟ ସେପ୍ଟେମ୍ବର ୧୬ ରେ ଅହମ୍ମଦାବାଦରୁ ରେଳ ଆଧୁନିକୀକରଣ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ ଓ ଲୋକାର୍ପଣ କରିବେ ।ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଜୀ ଟିଟିଲାଗଡ ଏବଂ ରାୟଗଡା ମାର୍ଗ ଦେଇ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବନ୍ଦେ ଭାରତ ଏକ୍ସପ୍ରେସ ସମେତ ସାରା ଦେଶରେ ଅତିରିକ୍ତ ବନ୍ଦେ ଭାରତ ଟ୍ରେନ୍ ଗୁଡିକର ଶୁଭାରମ୍ଭ କରିବେ ଏବଂ ଭୁଜ ଏବଂ ଅହମ୍ମଦାବାଦ ମଧ୍ୟରେ ବନ୍ଦେ ମେଟ୍ରୋ କୁ ଲୋକାର୍ପଣ କରିବେ ।ଗୁଜୁରାଟର ଲୋକଙ୍କ ପାଇଁ ଦ୍ରୁତ ଏବଂ ଅଧିକ ସୁବିଧାଜନକ ଯାତ୍ରା ଯୋଗାଇ ମେଟ୍ରୋ ଷ୍ଟାଇଲ୍ ସ୍ୱଳ୍ପ ଦୂରତା ଯାତ୍ରା ପ୍ରଦାନ କରିବାକୁ ଏହି ସେବା ଲକ୍ଷ୍ୟ ରଖିଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍କ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଥକ୍ତଙ୍କକ୍ଷ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ର୍ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।




# ଏତେ ପରିମାଣରେ ହେରୋଇନ ଗୁଜରାଟ ଦେଇ ଭାରତକୁ ପ୍ରବେଶର ଉଦ୍ଦେଶ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- ୧ଲକ୍ଷ ୯୭ ହଜାର କୋଟିର ହେରୋଇନ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା, ଏବଂ କାହିଁକି କେନ୍ଦ୍ରର ମୋଦି ସରକାର ଚୁପ। ସେପ୍ଟେମ୍ବର ମାସ ୧୫ ତାରିଖ ୨୦୨୧ ତାରିଖ ଗୁଜୁରାଟର ମୁନ୍ଦ୍ରା ବନ୍ଦରରେଠାରେ ତିନି ହଜାର କିଲୋଗ୍ରାମର ହେରୋଇନ ଜବତ କରାଗଲା। ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ। ଠିକ୍ ସେହିଭଳି ଭାବରେ ଜୁନ ମାସ ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର ହେରାଇନ ଟେଲକମ ପାଉଡର ଖଣ୍ଡ (ଦେହମାଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସଂଦେହ କରାଯାଉଛି। ଯାହାର ବଜାର ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ହେବବୋଲି ଆକଳନ କରାଯାଉଛି। ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇନାହିଁ। ଏତେ ପରିମାଣରେ ହେରାଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନୀକାରୀ କିଏ ସେ ସଂସ୍ଥାର ନାମ କଣ, ଏହା କେଉଁ ପୋର୍ଟରୁ ଭାରତ ଅଭିମୁଖେ ରପ୍ତାନୀ କରାଯାଇଥିଲା ଏବଂ ଭାରତରେ କେଉଁ ସଂସ୍ଥା ଏହାକୁ ଆମଦାନୀ କରୁଥିଲା ଏହା ଏତେ ପରିମାଣର ହେରୋଇନ ଆମଦାନୀ କରିବାର ଉଦ୍ଦେଶ୍ୟ କ'ଣ? ଏହି ସମସ୍ତ ହେରୋଇନ ଗୁଜୁରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି। ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ଏବଂ ଉଦ୍‌ବେଗର କାରଣ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହେରୋଇନ ଭାରତବର୍ଷର ଯୁବବର୍ଗଙ୍କର ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେବାପାଇଁ ଅଣାଯାଇଛି କି ବୋଲି ପ୍ରଶ୍ନ କରିଛନ୍ତି। କିଭଳି ଭାବରେ ବନ୍ଦରର ଥିବା କର୍ମଚାରୀମାନେ ଏବଂ ଇଂଟେଲିଜେନ୍ସ ବିଭାଗ ତଥା ତଦାରଖକାରୀ ବିଭାଗ ଏ ସମସ୍ତ ଘଟଣାକୁ ଜାଣିପାରୁନାହାଁନ୍ତି ? ନା ଜାଣିଶୁଣି ଏଭଳି ଅନୈତିକ କାର୍ଯ୍ୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିବା ଅନ୍ୟତମ ଏକ ଦିଗ କି? ଏଭଳି ସ୍ଥିତିରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିଜ ରାଜ୍ୟରେ ଏତେ ପରିମାଣରେ ହେରୋଇନ ଜବତ ହେଉଥିବା ବେଳେ ଏ ବାବଦରେ କୌଣସି ତଥ୍ୟ ନରଖିବା ଏହା ଦେଶବାସୀଙ୍କୁ ଅଧିକ ବିସ୍ମିତ ଓ ଚିନ୍ତାଜନକ ସ୍ଥିତି ସୃଷ୍ଟିକରୁଛି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# କମ୍ ଦିନରେ ଭାଙ୍ଗିଗଲା ନିମ୍ନମାନର ପାଚେରୀ



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ଅଧିନ ହଦଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ୩୦ଲକ୍ଷ ଟଙ୍କାର ଅନୁଦାନ କ୍ରମେ ମୁଖ୍ୟ ତୋରଣ,ଛୋଟ ଗାର୍ଡେନ ପାଇଁ ଲୁହାର ସୁରକ୍ଷା ବାଡ, ଏକ ନୂତନ ଗୃହ, ଇଟା ଦ୍ୱାରା ଫ୍ଲୋରିଂ କାର୍ଯ୍ୟ ସହ ପୂର୍ବରୁ ଥିବା ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀର ଉଚ୍ଚତା ବଢାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ୧ମାସ ତଳେ ନିର୍ମାଣ ହୋଇଥିବା ଉକ୍ତ ପାଚେରୀର କିଛି ଅଂଶ ଭାଙ୍ଗି ଧରାଶାୟୀ ହୋଇ ଯାଇଛି । ପ୍ରକାଶ ଥାଉକି ଉକ୍ତ ପାଚେରୀ କାମ ସମୟରେ ପାଚେରୀକୁ ଲାଗି ଅତ୍ୟଧିକ ମାଟି ପକାଯାଇଥିଲା । ଯାହାକି ଅତ୍ୟଧିକ ମାଟି ଯୋଗୁଁ ବର୍ଷା ପାଣିର ଚାପରେ ଭାରସାମ୍ୟ ହରାଇ ପାଚେରୀଟି ଗଡି ପଡିଲା । ଏଥିରୁ ଅନୁମାନ ହେଉଛି ଯେ ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର ବୋଲି । ଯାହାକି କାର୍ଯ୍ୟ କରାଉଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ଏଭଳି ଘଟୁଥିବା ନେଇ ଅନୁମାନ ହେଉଛି । ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଉଠିଲା ଦାବି: ପିକ୍‌କ ଭ୍ୟାଲିକୁ ଇକୋ ଟୁରିଜିମ୍‌ର ମାନ୍ୟତା ମିଳୁ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖଟିକୁ ସାରା ବିଶ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ରୂପେ ପାଳନ କରାଯାଇଥାଏ। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆମ ଓଡ଼ିଶାରେ ଏମିତି ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇନାହିଁ। ସେଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ପିକ୍‌କ ଭ୍ୟାଲି ଯାହା ସାମ୍ନାକୁ ଆସିଛି। ସ୍ମାର୍ଟନଗରୀ ଭୁବନେଶ୍ୱର ଠାରୁ କେନ୍ଦ୍ରବିନ୍ଦୁ ପାଲଟିଛି। ପିକ୍‌କ ଭ୍ୟାଲିକୁ ନେଇ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି ପୁଳା ପୁଳା ୟୁଟ୍ୟୁବ୍ ଭିଡ଼ିଓର ଚିତ୍ର। ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଆକର୍ଷିତ ହେଉଥିବାର ଜଣାପଡ଼ିଛି। ସମ୍ପ୍ରତି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିକଶିତ ହୋଇଚାଲିଛି ଇକୋଟୁରିଜମ୍ ପ୍ରକଳ୍ପ। କିନ୍ତୁ ଉକ୍ତ ଅଞ୍ଚଳଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବାର ମନେହୁଏ। ଇକୋ ଟୁରିଜିମ୍‌ରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ



ମାତ୍ର ୩୦ କିଲୋମିଟର ଏବଂ କଟକଠାରୁ ୧୫ କିଲୋମିଟର ମଧ୍ୟରେ ରହିଛି ଏହି ପିକ୍‌କ ଭ୍ୟାଲି। ସକାଳ ଓ ସନ୍ଧ୍ୟା ହେଲେ ଏଠି ଶହ ଶହ ସଂଖ୍ୟାରେ ମୟୂର ଏକତ୍ରିତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଯାହା ବର୍ତ୍ତମାନ ପିକ୍‌କ ଭ୍ୟାଲି ରୂପେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଖାସ୍ ଆକର୍ଷଣୀୟ ବହନ କରିଥାଏ। ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଉକ୍ତ ସ୍ଥାନଟି ଏକ ନିଆରା ହୋଇଥିବା ବେଳେ ଏହାକୁ ଇକୋ ଟୁରିଜିମ୍‌ର ମାନ୍ୟତା ଦେବାକୁ ବିଶ୍ୱ ପର୍ଯ୍ୟଟନ ଦିବସରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଅଞ୍ଚଳରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୟୂର ବାସ କରୁଥିବାର ଆକଳନ କରାଯାଏ ଯାହାକି ଉକ୍ତ ଅଞ୍ଚଳଟି ବେଶ୍ ଶୋଭାବର୍ଦ୍ଧନ କରିଥାଏ। କଟକ ଜିଲ୍ଲା ଅନ୍ତର୍ଗତ ନରାଜ ରୋଡ଼ ଯିବା ରାସ୍ତାରେ ପଡ଼େ ତଳଗର। ଏଇଠି ରହିଛି ପିକ୍‌କ ଭ୍ୟାଲି। ଏବେ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣୀୟ କରିବା ଏହାର ମୂଳଲକ୍ଷ୍ୟ। ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହୁଛି। ଏଣୁ ଏହି ପିକ୍‌କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜିମ୍‌ର ମାନ୍ୟତା ଦିଆଗଲେ ଆମର ଜାତୀୟ ସ୍ୱୀକୃତି ପାଇଥିବା ମୟୂର ପକ୍ଷୀର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ। ଏତଦ୍‌ସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଯିବ। ଏଣୁ ଏ ନେଇେ ଶ୍ରୀ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ମାଧ୍ୟମରେ ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜିମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର (ପିଏନ୍):ଶନିବାର ରାଙ୍କୀ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କବିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଂଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା । ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ । ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ,କୃଷ୍ଣାନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ,ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୁଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ । ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ । ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ

# ବଡ଼ଚଣା ପୋଲିସର ଚଢ଼ାଉ,୩୦ ଗୋରୁ ଉଦ୍ଧାର

ଚଣ୍ଡିଖୋଲ (ପିଏନ୍)-ଦିନକୁ ଦିନ ବଡ଼ଚଣା ଅଂଚଳରେ ବେଆଇନ ଭାବେ ଗୋରୁଚାଲାଣ ବୃଦ୍ଧିପାଇବାରେ ଲାଗିଛି.ପ୍ରଶାସନର ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହି ଗୋରୁଚାଲାଣ ବନ୍ଦ ହେବ ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗୁଛି। କିଛିଦିନ ତଳେ ଦର୍ପଣ ଅଂଚଳରୁ ବେଆଇନ ଭାବେ ଏକ କନଟଇନରେ ୬୦ରୁ ଉର୍ଧ ଗୋରୁକୁ ଦୟନୀୟ ଅବସ୍ଥାରେ ନେଇଯାଉଥିବା ସମୟରେ ବଡ଼ଚଣା ପୋଲିସ ସାନ୍ତେଓ୍ୱାରକୁ ଧରି ୩ ଜଣ ଗୋରୁବେପାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ପୁନଶ୍ଚ ଗତ ଶୁକ୍ରବାର ରାତିରେ ଏକ ୧୦ ଚକିଆ ଟ୍ରକ ଯାହାର ନ (ଓଡ଼୦୯ ର ୭୫୧୧) ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଅତିଦୟନୀୟ ଅବସ୍ଥାରେ ଦର୍ପଣ ଅଂଚଳରୁ ନେଇଯାଉଥିବାର ବିଶେଷ ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ଖବର ପାଇଥିଲେ .ଥାନା ଅଧିକାରୀ ସଂଗେ ସଂଗେ ଏକଟିମ କରି ଗାଡ଼ିଟିକୁ ଧରିବାପାଇଁ ଘଟଣା ସ୍ଥଳରେ ପହଂଚିବା ସମୟରେ ଗାଡ଼ିଟିର ଚାଳକ ଗାଡ଼ିଟିକୁ ଦ୍ରୁତଗତିରେ ନେଇପଳାଇଯାଇଥିଲା। ପୋଲିସ ଟିମ ଉକ୍ତ ଗାଡିର ପିଛାକରି ଜାରକା ଠାରେ ରାସ୍ତା ଯାମ ଥିବାରୁ ଏହାର ସୁଯୋଗନେଇ ଚାଳକ ଓ ଖାଲସି ଗାଡି ଛାଡି ପଳାଇଯାଇଥିଲେ। ବଡ଼ଚଣା ପୋଲିସ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଏକ କେଶ ୩୫୭/୨୦୨୧ ରୁଜୁ କରି ଅଧିକ ତଦନ୍ତ ଜାରିରହିଛି ବୋଲି ଥାନାଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ଗାଡ଼ିରେ ଥିବା ଗୋରୁଗୁଡ଼ିକୁ ନିକଟସ୍ଥ ନାନପୁର ଗୋଶାଳାରେ ଛାଡିଥିବାର ଖବର ମିଳିଛି। ଏଠାରେ ପ୍ରଶ୍ନ ଉଠେ ନାନପୁର ଗୋଶାଳାରେ କିଛିଦିନ ତଳେ ଉଦ୍ଧାର ହୋଇ ରଖାଯାଇଥିବା ଗୋରୁଗୁଡ଼ିକୁ ଗୋଶାଳା ମାଲିକ ବିକ୍ରିକରିଦେଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ମଧ୍ୟ ପୁନର୍ବାର କେଉଁ ଭରସାରେ ଏହି ଗୋରୁଗୁଡିକୁ ପୋଲିସ ସେଠାରେ ଛାଡିଲା ତାହା ଆଲୋଚନାର ବିଷୟ ହୋଇଛି।

# ସାମ୍ବାଦିକ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଓଟିଭିର ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ବିୟୋଗରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ମହମବତୀ ଜାଳି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅରିନ୍ଦମ ଦାଶଙ୍କ ତ୍ୟାଗ, ବଳିଦାନ ଓଡିଆ ସାମ୍ବାଦିକତା ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଭାରେ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜିବି ଓ ରାଜନେତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାରେ ମନୋଜ ସ୍ୱାଇଁ, ଚିତରଞ୍ଜନ ଦାସ, ସୋମନାଥ ସାହୁ, ପ୍ରଭାତ ପରିଡା, ମହେଶ ପାଢୀ, ଜୀବନ ସିଂ, ଜଗନ୍ନାଥ ଧଳ, ପ୍ରଶାନ୍ତ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଫୁଲ୍ଲ ସାହୁ, ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ଦାସ, ଉମେଶ ପାଢୀ, ଦୁର୍ଗା ପତି, ନାରାୟଣ ସାହାଣୀ, ସୁବାଷ ସାମଲ, ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, ହରେକୃଷ୍ଣ ବେହେରା, ସେକ ହାପିଜୁଦ୍ଦିନ, ଲକ୍ଷ୍ମୀକାନ୍ତ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମ୍ୟୁନିସିପାଲ ପ୍ରିମିୟର ଲିଗ ଆୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ-୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଗତ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ପୌରନିଗମ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଏହି ଆୱାର୍ଡ ପ୍ରଦାନ କରାଯାଇଛି । ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସି.ଆଇ.ଟି.ୟୁ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମସ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସଂପୃକ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍କିମ୍ ଶ୍ରମିକ ଭାବେ ବିଚାର କରାନଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରୁ ଅବସର ବୟସ ୬୨ବର୍ଷ କରାଯିବା, ବର୍ଷକୁ ୨ଥର ଶାଢୀ ଓ ଆପ୍ରୋନ ପ୍ରଦାନ କରାଯିବା, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି ପାଇଁ ଉଜ୍ଜ୍ୱଳା ଜାଳେଣି ଗ୍ୟାସ ଯୋଗାଇ ଦିଆଯିବା, ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ସହିତ ଆକ୍ୱାଗାର୍ଡ ସଂଯୋଗ କରାଯିବା, ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିସାର ଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା, ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୪ଶହ ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅଂଶ ବାବଦକୁ ୬ଶହ ଟଙ୍କା ବକେୟା ପ୍ରଦାନ କରାଯିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଚିକା ଓ ସହାୟିକାମାନଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଓ ରୋଷେଇ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରକ୍ଲାଗୃହ ଓ ଖାଦ୍ୟ ଖାଇବା ପାଇଁ ଉପଯୁକ୍ତ ପକ୍କା କରିଡର ନିର୍ମାଣ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ସଭାପତି ସ୍ନେହଲତା ଗାହାଣ, ସମ୍ପାଦିକା ନିର୍ମଳା ସିଂହ, ଜଗତଜୀବନ ଦାଶ, ପ୍ରମିଳା ବିଶ୍ୱାଳ, ସଞ୍ଜୁଲତା ଦାସ, କୁମୁଦିନୀ ସେନାପତି, ଅମିତା ପାତ୍ର, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ରଞ୍ଜୁଲତା ଖଣ୍ଡୁଆଳ, ମାଧବ ଦାସ, ଅଜିତ ପରିଡା, ନୃସିଂହ ତରାଇ, ପରମେଶ୍ୱର ସୁତାର, ଅଶୋକ ନାଥ, ରମେଶ ମଲିକ, ବିଜୟ ସାହୁ, ନିରାକାର ସାହୁ, ବିନୟ ମଲିକ, ଅକ୍ଷୟ ତରାଇ, ମହେଶ୍ୱର ପରିଡା, ଧୀବର ବେହେରା, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

# ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା (ପିଏନ୍): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ । ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଞ୍ଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଞ୍ଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରନ ମହାଁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।


ଭାରତୀ ଶ୍ରୀଜୀବୀ ସମିତି (ବିଏସପିଏସ) ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶାହନାୱାଜ ହାସନଙ୍କ ନେତୃତ୍ୱରେ ସାମ୍ବାଦିକମାନଙ୍କର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ରାଜ ଭବନରେ ଓଡିଶା ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କୁ ଭେଟିଛନ୍ତି । ଏହି ସମୟରେ ସାମ୍ବାଦିକମାନଙ୍କ ସମସ୍ୟା ବିଷୟରେ ଦୀର୍ଘ ସମୟ ଧରି ଆଲୋଚ଼ନା ହୋଇଥିଲା । ଆଜି ରାଜ୍ୟପାଳଙ୍କୁ ଭେଟିଥିବା ବ୍ୟକ୍ତିଙ୍କ ମଧ୍ୟରେ ଜାତୀୟ ସାଧାରଣ ସମ୍ପାଦକ ଶାହନାୱାଜ ହାସନ, ଏସ ନାସିରିନ, ବି ପଣ୍ଡା, ବିଏସପିଏସ ବେଙ୍ଗଲ ଷ୍ଟେଟ ୟୁନିଟ୍ ନାଇମୁଲ୍ଲା

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।



୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Monday September 16 2024 | ଭୁବନେଶ୍ୱର ସୋମବାର, ସେପ୍ଟେମ୍ବର ୧୬,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## ଆଜି ଠାରୁ ପାରାଦୀପର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ ବିଶ୍ୱକର୍ମା



ପାରାଦୀପ,(ପି.ଏନ): ପବିତ୍ର କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ଉତ୍ସବ ପାଳିତ ହୋଇଥାଏ । ବିଶ୍ୱକର୍ମା ପୂଜା ପାଇଁ ପ୍ରସିଦ୍ଧି ଲାଭ କରିଥିବା ବନ୍ଦର ଓ ଶିଳ୍ପ ସହର ପାରାଦୀପ ଏଥି ପାଇଁ ଉତ୍ସବମୁଖର ହୋଇ ଉଠିଛି । ଆଜିଠାରୁ ପାରାଦୀପର ପ୍ରାୟ ୧୪ ଗୋଟି ପୂଜା ମଣ୍ଡପରେ ପୂଜା ପାଇବେ ଦେବଶିଳ୍ପୀ । ପାରାଦୀପ ବଡପଡିଆଠାରୁ ନୂଆବଜାର ରିକ୍ରେସନ୍ କ୍ଲବ ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପରେ ପୂଜା ଆରମ୍ଭ ହେଉଛି । ସୁଉଚ୍ଚ ତୋରଣ ସାଙ୍ଗକୁ ଆର୍କଷଣୀୟ ଆଲୋକମାଳାରେ ସଜେଇ ହୋଇଛି ପାରାଦୀପ ସହର । ପାରାଦୀପର ବିଭିନ୍ନ ଶ୍ରମିକ ସଙ୍ଗଠନ, ଟ୍ରକ୍ ମାଲିକ ସଂଘ, ଡର ମାଲିକ ସଂଘ, ବନ୍ଦର ବିଦ୍ୟୁତ ବିଭାଗ, ବନ୍ଦର ଜନସ୍ୱାସ୍ଥ୍ୟ ବିଭାଗ, ବନ୍ଦର ମେରାଇନ୍ ବିଭାଗ,ଅଟୋ ମାଲିକ ସଂଘ, ମତ୍ସ୍ୟ ଉତ୍ପାଦକ ସଂଘ ପକ୍ଷରୁ ସୁନ୍ଦର ମୂର୍ତ୍ତୀ ପ୍ରସ୍ତୁତ କରାଯାଇଛି । ଦର୍ଶକମାନଙ୍କ ମନୋରଂଜନ ପାଇଁ ପ୍ରତିଦିନ ସଂନ୍ଧ୍ୟାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମେଲୋଡି, ଡ୍ୟାନ୍ସ, ଭଜନ ସମାରୋହ ଆଦିର ଆୟୋଜନ କରାଯାଇଛି । ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ବଡପଡିଆ ଠାରୁ ନୂଆବଜାର ରିକ୍ରେସନ୍ କ୍ଲବ ପର୍ଯ୍ୟନ୍ତ ରାସ୍ତା କଡରେ ବ୍ୟବସାୟୀମାନେ ଦୋକାନମାନ ଖୋଲିଛନ୍ତି । ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ପାରାଦୀପ ପୋଲିସ୍ ପକ୍ଷରୁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଛି । ପୂଜା ମଣ୍ଡପ ମଧ୍ୟକୁ କୌଣସି ଯାନବାହନ ପ୍ରବେଶ ଉପରେ ରୋକ ଲଗାଇଛି ପାରାଦୀପ ପୋଲିସ୍ । ବଡପଡିଆ, ମଧୁବନ, ନୂଆବଜାର ଆଦି ରାସ୍ତାରୁ ଯେପରି କୌଣସିବି ଗାଡି ଯେପରି ପୂଜାମଣ୍ଡପ ଅଂଚଳକୁ ପ୍ରବେଶ ନକରିବ ସେଥି ପାଇଁ ରାସ୍ତାର ପ୍ରବେଶ ପଥରେ ପୋଲିସ ମୁତୟନ ହେବେ ବୋଲି ଜଣା ପଡିଛି । ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ପୋଲିସ୍ ମୁତୟନ ହେବେ । ଲକ୍ଷାଧିକ ଜନସମାଗମ ହେବେ ପ୍ରଦୂଷଣ ବଢିବ ସେଥି ପାଇଁ ପାରାଦୀପ ପୌରପାଳିକା ପକ୍ଷରୁ ରାତ୍ରୀକାଳୀନ ସଫେଇର ବନ୍ଦୋବସ୍ତ କରାଯାଇଛି । ସଫେଇ କର୍ମଚାରୀମାନେ କେବଳ ଦିନ ନୁହେଁ ରାତିରେ ମଧ୍ୟ ସଫେଇ କରିବେ ବୋଲି ନଗରପାଳ ବସନ୍ତ ବିଶ୍ୱାଳ କହିଛନ୍ତି । ପାରାଦୀପ ବନ୍ଦର ପକ୍ଷରୁ ନିରବଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ବିଗତ ବର୍ଷମାନଙ୍କ ପରି ପାରାଦୀପ ପୋର୍ଟ ମଜଦୁର ସଂଘ, ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ, ଭାରତୀୟ ବନ୍ଦର ମଜଦୁର ସଂଘ, ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ସଂଘ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ଓାର୍କସ୍ ୟୁନିୟନ ଭଳି ଶ୍ରମିକ ସଙ୍ଗଠନମାନେ ଏହି ପୂଜା ଉତ୍ସବରେ ସାମିଲ ହୋଇଛନ୍ତି । ତୋରଣ, ଆଲୋକ ସଜା ଓ ମୂର୍ତ୍ତୀ ପାର୍ଶ୍ୱ ସାଜସଜାରେ ପୌରପାଳିକା ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ପୂଜାମଣ୍ଡପର ଆୟୋଜକମାନେ ସାଜସଜା କରିବାରେ ଲାଗି ପଡିଥିଲେ । ପ୍ରାୟ ମାସକ ଆଗରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ଖବର ପ୍ରସାରଣରେ ସହାୟତା ନିମନ୍ତେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ସାମ୍ବାଦିକ ପ୍ରକୋଷ୍ଠ ଚଳିତ ବର୍ଷ ମଧ୍ୟ ଖୋଲାଯାଇଛି । ପାରାଦୀପ ସମେତ ବିଭିନ୍ନ ସ୍ଥାନରୁ ଆସୁଥିବା ସାମ୍ବାଦିକମାନେ ଏହି ସ୍ଥାନରେ ବସି ଖବର ପଠାଇବାର ବନ୍ଦୋବସ୍ତ କରାଯାଇଛି ।

## ମାହାଙ୍ଗାର ନିଆରା ସନ୍ଥ ରାମବାବା

ମାହାଙ୍ଗା,(ପି.ଏନ): ଏକ ନିଆରା ସନ୍ଥ ରାମବାବା । ମାହାଙ୍ଗାର ଜରୀଆ ଝିଲ୍ଲୀ କୂଳରେ ଏକ ବଣୁଆ ସ୍ଥାନରେ କେବଳ ଭଗବାନଙ୍କ ଭରଷାରେ ବଟବୃକ୍ଷ ମୂଳେ ରହୁଛନ୍ତି ରାମବାବା । ମାହାଙ୍ଗା ବ୍ଲକର ବୁଦୁକୁନିଆ ଗାଁରେ ଏକ ନିରୋଳା ସ୍ଥାନରେ ଆଶ୍ରମ କରି ରାମବାବା ଦୀର୍ଘ ଦିନ ହେଲା ରହିଆସୁଛନ୍ତି । ପୂର୍ଣ୍ଣତୋୟା ପବିତ୍ର ଜରୀଆ ଝିଲ୍ଲୀ କୂଳରେ ବିନୋଦ ବିହାରୀଙ୍କ ପୀଠ ରହିଛି । ଓଡିଶାର ବହୁ ସାଧୁସନ୍ଥ, ଭକ୍ତ ଏହି ପୀଠକୁ ଆସିଥାଆନ୍ତି । ରାମବାବା ଦୀର୍ଘ ୧୨ ବର୍ଷ ଧରି ଆହାର କରୁନଥିଲେ । କେବଳ ପାଣି ପିଇ ସାଧନା କରୁଛନ୍ତି । ଦେହରେ ଗେରୁଆ ବସ୍ତ୍ର ନାହିଁ । କେବଳ ମାଟି ଉପରେ ବସି ଧ୍ୟାନ କରୁଛନ୍ତି । ବଟବୃକ୍ଷ ପରିବେଶିତ ତାଙ୍କର ଏହି ପୀଠକୁ ଭକ୍ତିକ୍ଷେତ୍ର ବୋଲି ଗ୍ରାମବାସୀମାନେ କହୁଛନ୍ତି । ଏହି ଆଶ୍ରମରେ ବର୍ଷର ବହୁ ସମୟରେ ଆଧାତ୍ମିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ । ବୟସ ୭୦ ଟପିଲାଣି । ତଥାପି ସେ ସୁସ୍ଥ ଓ ସବଳ । ରାମବାବାଙ୍କ ଅଲୌକିକତାର ଅନେକ କଥା ଲୋକମୁଖରୁ ଶୁଣିବାକୁ ମିଳୁଛି । ଅନାହାରରେ ଅନେକ ସାଧୁସନ୍ଥ ଏବେ ମଧ୍ୟ ସାଧନା କରୁଥିବାର ଏହା ଏକ ଜ୍ୱଳନ୍ତ ନଜିର ବୋଲି ଚର୍ଚ୍ଚା ହେଉଛି ।

## ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ବ୍ଲକର ସାମ୍ବିଧାନିକ ସମ୍ମିଳନୀ



କେନ୍ଦ୍ରାପଡ଼ା,(ପି.ଏନ): ଓଡିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡା ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଜିଲ୍ଲା ସଂଘର ସଭାପତି ଅନନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଗରାପୁରସ୍ଥ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପୂର୍ବତନ ସଭାପତି ବିଶ୍ୱବଂଧୁ ଜେନା, ପୂର୍ବତନ ସମ୍ପାଦକ ଶେକ ଖତିବ ପ୍ରମୁଖ ସେମାନଙ୍କ ସମୟର କାର୍ଯ୍ୟକ୍ରମ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆୟବ୍ୟୟର ହିସାବ ପୂର୍ବତନ କୋଷାଧକ୍ଷ ଗାଙ୍ଗେୟ ବିଶ୍ୱାଳ ପ୍ରଦାନ କରିଥିଲେ । ପରେ ଉପସ୍ଥିତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତାମତ ଅନୁଯାଇ ନୂତନ କମିଟି ଗଠନ କରାଯାଇଥିଲା । ଏହି ନୂତନ କମିଟିର ସଭାପତି ଭାବେ ଦାଶରଥି ନାୟକ, କାର୍ଯ୍ୟକାରୀ ସଭାପତି ଭାବେ କାକୁଲୀ ମଲ୍ଲିକ ଓ କାଳୀପ୍ରସନ୍ନ ଶତପଥୀ, ଉପସଭାପତି ମନୋରଞ୍ଜନ ମହାପାତ୍ର, କିଶୋର ଚନ୍ଦ୍ର ଜେନା, ଶ୍ରୀଧର ସାହୁ ,ମଞ୍ଜୁଲତା ବେହେରା, ବିଷ୍ଣୁ ଚରଣ ସାମଲ, ସଂପାଦକ ଦେବେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଶିବନାରାୟଣ ମହାନ୍ତି, ଅସଗର ଅଲ୍ଲୀ, ସଂଗଠନ ସମ୍ପାଦକ ଶେକ ଫୟାଜୁଦ୍ଦିନ, ଗାଙ୍ଗେୟ ବିଶ୍ୱାଳ, ସହସମ୍ପାଦକ ନିରୁପମା ପରିଡା, ଖଗେଶ୍ୱର ସାମଲ, ରଶ୍ମିତା ରାଉତ, ଶେକ ସାହାନଓ୍ୱାଜ, ପ୍ରଦୀପ୍ତ ଶତପଥୀ, ଜୋନାଲ ସମ୍ପାଦକ ଦେବୀପ୍ରସାଦ ଦାସ, ଗଙ୍ଗାଧର ମହାପାତ୍ର, ବୀରବର ଦାସ, ପ୍ରଜ୍ଞା ପ୍ରଜ୍ଞଭା ଚଇନି, ଶ୍ରୀଧର ବେହେରା, ପୁଷ୍ପିତା ମୁଦୁଲୀ, କୋଷାଧକ୍ଷ ଦୀପକ ବେହେରା, ସମୀକ୍ଷକ କୌଶଲ୍ୟା ନାୟକ, ରଞ୍ଜନ ମଲ୍ଲିକ, ସୂଚନା କୌଶଳ ସଂଯୋଜକ ଜୀତେନ୍ଦ୍ର ତ୍ରିପାଠୀ, ପଦ୍ମଲୋଚନ ଭୂୟାଁ, ମୁଖପାତ୍ର ଅଚ୍ୟୁତାନନ୍ଦ ସାମଲ, ଗଣମାଧ୍ୟମ ସଂଯୋଜକ ମିର୍ ଅଖତର ଅଲ୍ଲୀ ପ୍ରମୁଖଙ୍କୁ ସର୍ବ ସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ଜିଲ୍ଲା ସଭାପତି ଅନନ୍ତ କୁମାର ପରିଡା ସେମାନଙ୍କୁ ଶପଥପାଠ କରାଇବା ସହିତ ସଂଘର କାର୍ଯ୍ୟକ୍ରମ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ହିତ ସାଧନ ପାଇଁ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ନବ ନିର୍ବାଚିତ ସଭାପତି ଓ କର୍ମକର୍ତ୍ତାଗଣ ସଂଘୀୟ ଅନୁଶାସନ ପାଳନ କରି କାର୍ଯ୍ୟ କରିବାର ବାର୍ତ୍ତା ରଖିଥିଲେ । ଶେଷରେ ପଦ୍ମଲୋଚନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧଣ୍ଡାମୁଣ୍ଡା ଜବାହର ଲାଲ ହାଇସ୍କୁଲରେ ସମ୍ବାଦ ତରଫରୁ ରାଜ୍ୟସ୍ତରୀୟ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ



ଧଣ୍ଡାମୁଣ୍ଡା,(ପିଏନ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଧଣ୍ଡାମୁଣ୍ଡା ଜବାହର ଲାଲ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବାଦ ତରଫରୁ ଏକ ବାର୍ଷିକ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି ଓ ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ରୂପେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗଦେଇ ଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଣ୍ଡାମୁଣ୍ଡା ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ମହାପାତ୍ର, ମକରନ୍ଦ ପଧାନ, ସାଇରାମ ସାହୁ, ମନୋଜ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ଓ ବିଭିନ୍ନ ବର୍ଗ ରେ ସମୁଦାୟ ୧୦୯ଟି ପ୍ରତିଯୋଗୀ ଯୋଗ ଦେଇ ଥିବା ବେଳେ ଚିତ୍ରାଙ୍କନ ରେ ୪୮ଜଣ, ହସ୍ତାକ୍ଷର ରେ ୪୪ଜଣ, ଭାଷା ଜ୍ଞାନ ରେ ୧୭ଜଣ ଭାଗ ନେଇ ଥିଲେ ଓ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବାଦ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମ ରେ ସମ୍ବାଦ ପ୍ରତିନିଧି ସରୋଜ କୁମାର ମିଶ୍ର ପ୍ରତିନିଧିତ୍ୱ କରିଥିବା ବେଳେ ହେମସାଗର ସାହୁ, ପ୍ରୀତମ ମିଶ୍ର, ମନୋଜ ପଧାନ, ରୋହନ ମିଶ୍ର, ରାଜୁ ସାହୁ, ସତ୍ୟଭୂଷଣ ସାହୁ, ମହେନ୍ଦ୍ର କବି, ନିହାର ରଂଜନ ବେହେରା, ସାମାଜିକ ପୁଟେଲ,ମାନସ ସାହୁ, ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲା ଅଶୀ ଚାଳନା ପ୍ରତିଯୋଗିତାରେ ମାହାଙ୍ଗା ଅଂଚଳର ଛାତ୍ରଙ୍କ କୃତୀତ୍ୱ




ମାହାଙ୍ଗା,(ପି.ଏନ): ଜିଲ୍ଲା ଅଶୀ ଚାଳନା ପ୍ରତିଯୋଗିତା ୨୦୨୪-୨୫ ପୁରୁଷ ସବ୍ ଜୁନିୟର ବିଭାଗରେ ମାହାଙ୍ଗା ବ୍ଲକର ଭଉଁରିଆ ପଂଚାୟତର ରାମ୍‌କାପୁର ଗାଁର ଆଲୋକ ବେହେରା ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇବାରେ ସଫଳ ହୋଇଛନ୍ତି । ଯାହାକୁ ନେଇ ସାରା ମାହାଙ୍ଗା ଅଂଚଳରେ ଆନନ୍ଦ ଖେଳିଯାଇଛି । ସୂଚନାରୁ ପ୍ରାପ୍ତ ଯେ ଅନନ୍ତ ବେହେରାଙ୍କ ପୁଅ ଆଲୋକ ବେହେରା ମାହାଙ୍ଗାର ପଲ୍ଲୀସାହି ପଂଚାୟତର ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ଷଷ୍ଠ ଶ୍ରେଣୀର ଛାତ୍ର ଅଟନ୍ତି । ତାଙ୍କର ଏହି ସଫଳତାରେ ମାର୍ଗଦର୍ଶକ ତଥା ଓଡିଶାର ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରଭାକର ବେହେରା ଓ ତାଙ୍କର କୋଚ୍ ଜିତେନ୍ଦ୍ର ବେହେରା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ଭବିଷ୍ୟତରେ ଆଲୋକ ବେହେରା ଜଣେ ଭଲ ଖେଳାଳୀ ଭାବେ ମାହାଙ୍ଗା ତଥା ରାଜ୍ୟରେ ସୁନାମ ଅର୍ଜନ କରିବେ ବୋଲି ଆଶା କରାଯାଉଛି ।

## ପାରାଦୀପ ପୌରାଧକ୍ଷଙ୍କୁ ଆକ୍ରମଣ ଧମକ ପ୍ରତିବାଦରେ ପୂର୍ବତନ ବିଜେଡି ବିଧାୟକ ସମର୍ଥକଙ୍କ ନାମରେ ଥାନାରେ ମାମଲା




ପାରାଦୀପ,(ପି.ଏନ): ପାରାଦୀପ ନଗର ବିଜେଡି ଦଳର ସଭାପତି ତଥା ଲୋକପ୍ରିୟ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ବିରୁଦ୍ଧରେ ଅଶାଳୀନ ମନ୍ତବ୍ୟ ଓ ଆକ୍ରମଣ ଧମକ ପ୍ରତିବାଦରେ ଶନିବାର ସନ୍ଧ୍ୟାରେ ପାରାଦୀପ ଆଦର୍ଶ ଥାନାରେ ଏକ ଅଭିଯୋଗ ହୋଇଛି । ସୂଚ୍ନା ଅନୁଯାୟୀ ଗତ ୧୩ ତାରିଖରେ ପାରାଦୀପ ବିଜେଡି କାର୍ଯ୍ୟକାରୀ ସଭାପତି କୁମରବର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ସମର୍ଥକ ରଶ୍ମି ରଞ୍ଜନ ପରିଡା, ମାନସ ରଞ୍ଜନ ବିଶ୍ୱାଳ ଓ ସୁଶୀଲ ମହାପାତ୍ର ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ବିଭିନ୍ନ କଟୁ ମନ୍ତବ୍ୟ ଦେଇ ତାଙ୍କ ସମ୍ମାନ କ୍ଷୁର୍ଣ୍ଣ କରିବା ସହ ସର୍ବସାଧାରଣରେ ମାଡ଼ ମାରିବା ଧମକ ଦେଇଥିଲେ କ୍ଷ ତେବେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ବେହେରା ଥାନାରେ ଏକ ଲିଖିତ ଅଭିଯୋଗ କରି ଆସାମୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ଏବେ ଏହି ଘଟଣା କୁ ନେଇ ସାଧାରଣରେ ଚିନ୍ତା ପ୍ରକଟ କରାଯାଇଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ସଜାଗ ରହିବାର ଆବଶ୍ୟକ ହୋଇପଡିଛି । ସୂଚ୍ନା ଥାଉକି ପାରାଦୀପ ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଏଠାରେ ସଂଗଠନ ର ସ୍ଥିତିକୁ ବେସ ସୁଦୃଢ଼ କରିବା ସହ ପୌରାଧକ୍ଷ ଭାବେ ପାରାଦୀପ ପୌରାଞ୍ଚଳରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ଓ ପ୍ରଶଂସିତ ହୋଇଛନ୍ତି । ତେବେ ଗତ ନିର୍ବାଚ୍ନ ରେ ବିଜେଡି ପ୍ରାର୍ଥୀନୀ ଏବଂ ତାଙ୍କ ସ୍ୱାମୀ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ବସନ୍ତଙ୍କୁ ଅଣଦେଖା ଓ ଗୁରୁତ୍ୱ ନଦେବାରୁ ତାଙ୍କର ପରାଜୟ ଘଟିଥିଲା ବୋଲି ରାଜନୀତି ବିଶାରଦ ମାନେ ଆକଳନ କରିଛନ୍ତି । ତେବେ ପୂର୍ବତନ ବିଧାୟକ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଦଳରେ ସାମିଲ କରିବାକୁ ନେଇ ଦଳ ର କର୍ମୀ ଓ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇ ଗତ ନିର୍ବାଚ୍ନରେ ଦଳର ପ୍ରାର୍ଥୀ ପରାଜିତ ହୋଇଥିବା ବିଜେଡି କର୍ମୀ ମାନେ କ୍ଷୋଭର ସହ କହିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray